**ଗ୍ରୀଷ୍ମ ଆରମ୍ଭରୁ ଜଳ ସଙ୍କଟ**

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକ

ସାନଖେମୁଣ୍ଡି,୩୦।୧(ସମିସ)



ସାନଖେମୁଣ୍ଡି ବ୍ଲକ ଡେଙ୍ଗାଡି ଗ୍ରାମର ଶତାଧିକ ମହିଳା ପାଣି ପାଇଁ ଶୁକ୍ରବାର ପୂର୍ବାହ୍ନରେ କାଟୁ-ଜଗନ୍ନାଥପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ମୁତାବକ ଡେଙ୍ଗାଡି ଗ୍ରାମରେ ବହୁବର୍ଷ ଧରି ସଠିକ୍ ଭାବେ ପିଇବା ପାଣି ଯୋଗାଣ ହେଉନି। ଗ୍ରାମବାସୀ ବହୁଥର ରାଜପଥ ଅବରୋଧ କରି ପ୍ରତିବାଦ କରିଥିଲେ ମଧ୍ୟ ସାନଖେମୁଣ୍ଡି ପ୍ରଶାସନ ଓ ଜଳ ଯୋଗାଣ ବିଭାଗ ସମ୍ପୂର୍ଣ୍ଣ ସ୍ଥାଣୁ ପାଲଟି ଯାଇଛି।

ପ୍ରତିବାଦ କରିବା ଦିନ ଲୋକଙ୍କୁ ଭୂଆଁ ବୁଲେଇ ଖୁବ୍‌ଶୀଘ୍ର ପାଣି ପାଇବେ ରାସ୍ତାରୋକରୁ ହଟିଯାଅ କହି କିଛି ମାସ ସଠିକ ଭାବେ ପାଣି ଯୋଗାଇ ଦେଇ ପୁଣି କିଛିଦିନ ପରେ ଯୋଗାଣ ବନ୍ଦ କରିଦେଉଛନ୍ତି। ଡେଙ୍ଗାଡି ଗ୍ରାମରେ ୪୦୦ ପରିବାର ବସବାସ କରି ଆସୁଥିବାବେଳେ ୩ଟି ନଳକୂପ ରହିଛି। ସେଥିରୁ ଗୋଟିଏ ନଳକୂପ ହିଁ ସଠିକ୍ ଭାବେ କାମ କରୁଛି। ଅନ୍ୟ ଦୁଇଟି ନଳକୂପରୁ ପାଣି ଆସୁନାହିଁ ଗ୍ରାମରେ ଗୋଟାଏ ପୋଖରୀ ଥିଲେ ତାହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପାଣି ପାଇଁ ବାରମ୍ବାର ଲୋକ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ସେଥିପାଇଁ ଶୁକ୍ରବାର ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା।

ଖବର ପାଇ ପାଟପୁର ପୁଲିସ ପ୍ରୋଭିଜିନାଲ ଏସ୍ଆଇ ଚନ୍ଦ୍ରିକା ଶବର, ଏଏସଆଇ ସନ୍ତୋଷ କୁମାର ମିଶ୍ର, ସୁଧୀର ନାୟକ, ଡେଙ୍ଗାଡି ସରପଞ୍ଚ ଶିବରାମ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

## ହାତୀ ମାତିଛି; ସଞ୍ଜ ନଇଁଲେ ପଡୁଛି ତାଟିକବାଟ

ଦିଗପହଣ୍ଡି,୩୦।୧(ସମିସ): ଗଞ୍ଜାମ-ଗଜପତି ସୀମାନ୍ତରେ ଗତ ପ୍ରାୟ ୪ ଦିନ ହେଲା ଗୋଟିଏ ଗୋଠଛଡ଼ା ହାତୀ ଖାଦ୍ୟ ଅନ୍ୱେଷଣରେ ସନ୍ଧ୍ୟା ହେଲେ ଜନବସତି ଆଡ଼କୁ ମାଡ଼ି ଆସୁଛି। ଗୁରୁବାର ବିଳମ୍ବିତ ରାତିରେ ହାତୀଟି ଦିଗପହଣ୍ଡି ବ୍ଲକ ସିନ୍ଧବା ଗ୍ରାମ ନିକଟକୁ ଆସି ଜଣେ ଚାଷୀଙ୍କ ଖଳାରେ ଥିବା ଅମଳ ଧାନ ଖାଇବା ସହ କିଛି ଚାଷୀଙ୍କ ଅମଳଧାନ ଓ ପନିପରିବା ବାଡ଼ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଚଷାନିମଖଣ୍ଡି ପଞ୍ଚାୟତ ବଡ଼ପଦା ଗ୍ରାମସ୍ଥିତ ଶ୍ରୀ ଉଦୟନାଥେଶ୍ୱର ଶୈବପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞରେ ସକାଳୁ ବିଳମ୍ବିତ ରାତି ଯାଏ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହୁଛି। ହାତୀ ଭୟରେ ଲୋକେ ସନ୍ଧ୍ୟା ପୂର୍ବରୁ ଘରକୁ ଫେରିଯାଉଛନ୍ତି। ହାତୀ ଉପଦ୍ରବ ଯୋଗୁ ସିନ୍ଧବା, ଚଷାନିମଖଣ୍ଡି, ଶ୍ୟାମସୁନ୍ଦରପୁର, ସୁଗୁଗା, ବିଦ୍ୟାଧରପୁର, ଗଡ ସାମନ୍ତରାପୁର, ଖମାରି ଗାଁ, କୁମୁଟି ପଙ୍କାଳ, ପୋଡ଼ାମାରି, ଡୋଳବ ପ୍ରଭୃତି ଗ୍ରାମ ମାନଙ୍କରେ ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ରାତିରେ ରାସ୍ତାରେ ଚଳପ୍ରଚଳ ହେବାକୁ ନିରାପଦ ମନେକରୁନାହାନ୍ତି। ଗଜପତି ଜିଲ୍ଲା ଚନ୍ଦ୍ରଗିରି ବନାଞ୍ଚଳ ରେଞ୍ଜର ରୂପକ କୁମାର ପ୍ରଧାନ ସଦଳବଳେ ହାତୀ ଟ୍ରାକରଙ୍କ ସହାୟତାରେ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇ ଦେଇଛନ୍ତି। ହାତୀଟି ଲଖାରୀ ହାତୀ ଅଭୟାରଣ୍ୟ ନିକଟ ଝାଟିକାବାଡ଼ ଜଙ୍ଗଲରୁ ଚାଲିଆସିଥିଲା। ପୁଣି ଜଙ୍ଗଲ ମଧ୍ୟକୁ ହାତୀଟି ଚାଲିଯାଇଥିବା ରେଞ୍ଜର କହିଛନ୍ତି।

## ପ୍ରାଦେଶିକ ଖେଳକୁଦ ସମାରୋହ ଉଦ୍‌ଘାଟିତ



ଛତ୍ରପୁର,୩୦।୧(ସମିସ): ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ଓଡିଶା ଦ୍ୱାରା ଛତ୍ରପୁର ଷ୍ଟାଡିୟମ୍ ଠାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୁଲ୍ୟରେ ୩ ଦିନିଆ ୩୭ତମ ପ୍ରାଦେଶିକ ଖେଳକୁଦ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭା ଦକ୍ଷିଣ-ପୂର୍ବ ସମ୍ଭାଗର ସଭାପତି ତାରା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ-ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଛତ୍ରପୁର ଏନ୍ଏସି ଅଧ୍ୟକ୍ଷା ସର୍ମିଷ୍ଠା ପ୍ରଧାନ, ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ପଦ୍ମଚରଣ ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ, ପ୍ରାନ୍ତ ଖେଳକୁଦ ସଂଯୋଜକ ସଂଜୟ କୁମାର ମିଶ୍ର ଏବଂ ମୁଖ୍ୟବକ୍ତା ତଥା ଓଡିଶା ଶିକ୍ଷା ବିକାଶ ସମିତି ସମ୍ପାଦକ ଡଃ. ସରୋଜ କୁମାର ହାତୀ ଉପସ୍ଥିତ ଥିଲେ। ଏହି ଉତ୍ସବ ପ୍ରାନ୍ତ ଖେଳକୁଦ ସଂଯୋଜକ ସଞ୍ଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଚାଲିବ। ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ୩ ଦିନ ଧରି ଚାଲିବ। ପ୍ରଧାନଆଚାର୍ଯ୍ୟ ରବୀନ୍ଦ୍ର କୁମାର ଦାଶ ଅତିଥିଙ୍କୁ ପାଛୋଟି ଆଣିଥିଲେ। ପ୍ରାରମ୍ଭରେ ମା ରାମାୟଣାମ୍ବା ଠାକୁରାଣୀ ମନ୍ଦିରରୁ କ୍ରୀଡା ଜ୍ୟୋତି ଅଣାଯାଇଥିଲା।

## ବିପୁଳ ପରିମାଣର କାଠଗଣ୍ଡି ଜବତ

ସାନଖେମୁଣ୍ଡି,୩୦।୧(ସମିସ): ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ଗ୍ରାମ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଗୁରୁବାର ବିଳମ୍ବିତ ରାତିରେ ଚନ୍ଦ୍ରଗିରି ବନାଞ୍ଚଳ ରେଞ୍ଜର ରୂପକ କୁମାର ପ୍ରଧାନ ଚଢ଼ଉ କରି ବିପୁଳ ପରିମାଣର କାଠଗଣ୍ଡି ଜବତ କରିଥିଲେ। ସେହିପରି ଶୁକ୍ରବାର ପୂର୍ବାହ୍ନରେ କଲେଜ ଠାରୁ କିଛି ଦୂରରେ ପୁଣି ବିପୁଳ ପରିମାଣର କାଠଗଣ୍ଡି ଜବତ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ବନ କର୍ମଚାରୀ ରେଞ୍ଜରଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରରେ ପାଳ ଘୋଡ଼ାଇ ରଖାଯାଇଥିବା ସରୁପତରି, ଟାଙ୍ଗିଣୀ, ବାଇଲ ପ୍ରଭୃତି ବିଭିନ୍ନ କିସମର କଞ୍ଚା କାଠ ଗଣ୍ଡି ଜବତ କରି ରେଞ୍ଜର କାର୍ଯ୍ୟାଳୟକୁ ଆଣିଥିଲେ। ସେହିପରି ଶୁକ୍ରବାର ଗ୍ରାମର ନୂଆବନ୍ଧ ହିଡ଼ରେ ଥିବା ପିଆଶାଳ ଓ ବିଭିନ୍ନ ପ୍ରକାର କାଠ ଗଣ୍ଡି ଜବତ କରି ରେଞ୍ଜର କାର୍ଯ୍ୟାଳୟକୁ ଆଣିଥିଲେ। କୌଣସି ବ୍ୟକ୍ତି କାଠ ଗୁଡ଼ିକୁ ଚୋରା ଚାଲାଣ ପାଇଁ ମହଜୁଦ ରଖିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ରେଞ୍ଜର କହିଛନ୍ତି। ଖବର ଲେଖା ସୁଦ୍ଧା କାହାରିକୁ ଗିରଫ କରାଯାଇନଥିବା ବେଳେ ତଦନ୍ତ ଚାଲୁ ରହିଥିବା ରେଞ୍ଜର ସୂଚନା ଦେଇଛନ୍ତି।

**ଏନ୍ଏସି କାର୍ଯ୍ୟାଳୟ ଓ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି**

## ବିଡିଓ ଓ ତହସିଲଦାରଙ୍କୁ ବଣିକ ସଙ୍ଘର ଦାବିପତ୍ର

ଜଗନ୍ନାଥପ୍ରସାଦ,୩୦।୧(ସମିସ): ରାଜ୍ୟ ସରକାର ଜଗନ୍ନାଥପ୍ରସାଦ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଏନ୍ଏସି ମାନ୍ୟତା ପ୍ରଦାନ କରିଛନ୍ତି। ଏଠାରେ ନୂତନ ଏନ୍ଏସି କାର୍ଯ୍ୟାଳୟ ଓ ବସ୍‌ଷ୍ଟାଣ୍ଡ ସଦର ଅଞ୍ଚଳରେ ନିର୍ମାଣ ପାଇଁ ଏକ ଅନୁରୋଧପତ୍ର ସ୍ଥାନୀୟ ବଣିକ ସଙ୍ଘ ପକ୍ଷରୁ ତହସିଲଦାର ଅଶୋକ କୁମାର ମୁଦୁଲିଙ୍କୁ ଦେବା ସହ ଚିହ୍ନଟ ଜାଗାରେ ନିର୍ମାଣ କାମ ଆରମ୍ଭ ପାଇଁ ଅନୁରୋଧ କରିଛନ୍ତି।



ସୂଚନାଯୋଗ୍ୟ ଯେ, ଜଗନ୍ନାଥପ୍ରସାଦ ବିଜ୍ଞାପିତ ଅଞ୍ଚଳ ଘୋଷଣା ହେବାର ଦୀର୍ଘ ୫ମାସରୁ ଊର୍ଦ୍ଧ୍ୱ ହେଲାଣି। ରାଜ୍ୟ ସରକାର ଘୋଷଣାନାମାପତ୍ର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ମାଧ୍ୟମରେ ଜାରି କରିସାରିଲେଣି। ସେଥିପାଇଁ ଏନ୍ଏସି କାର୍ଯ୍ୟାଳୟ ଓ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନ ଚେଷ୍ଟା କରୁଥିବା ବେଳେ ଆବଶ୍ୟକ ଜାଗା ଚିହ୍ନଟ ହୋଇପାରୁନାହିଁ। ଏପରିକି ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ସ୍ଥାନୀୟ ପ୍ରଶାସନଙ୍କ ସହ ଘନଘନ ବୈଠକ ମଧ୍ୟ ହେଉଛି। ଏବେ ଏନ୍ଏସି ନିର୍ବାଚନ ପାଖେଇ ଆସୁଥିବା ନେଇ ତତ୍ପର ହୋଇଛି ସ୍ଥାନୀୟ ପ୍ରଶାସନ। ରାସ୍ତାଘାଟ ପ୍ରଶସ୍ତିକରଣ, ୨୪ଘଣ୍ଟିଆ ବିଦ୍ୟୁତ ସେବା, ପାନୀୟ ଜଳ, ଅଞ୍ଚଳର ସ୍ୱଚ୍ଛତା ଓ ପରିମଳ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ମାର୍କିଂ ପ୍ରକ୍ରିୟା ସାରିଥିଲେ ମଧ୍ୟ ଏନଏସି କାର୍ଯ୍ୟାଳୟ, ବସଷ୍ଟାଣ୍ଡ ନିର୍ମାଣ ଏବଂ ଶ୍ରମକାର୍ଯ୍ୟାଳୟ ନିର୍ମାଣ ପାଇଁ ବିଜ୍ଞାପିତ ଅଞ୍ଚଳଠାରୁ ଅନ୍ୟତ୍ର ଜାଗା ଚିହ୍ନଟ ପ୍ରକ୍ରିୟା ସ୍ଥାନୀୟ ପ୍ରଶାସନ କରିଥିବା ସୂଚନା ଅଞ୍ଚଳବାସୀ ପାଇଥିଲେ। ଗୁରୁବାର ସ୍ଥାନୀୟ ବଣିକ ସଂଘ ସଭାପତିଙ୍କ ଜରିଆରେ ସମସ୍ତ ବ୍ୟବସାୟୀ ଜରୁରୀ କାଳୀନ ବୈଠକ କରିଥିଲେ। ନିଷ୍ପତ୍ତି କ୍ରମେ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟକୁ ଏନ୍ଏସି କାର୍ଯ୍ୟାଳୟ ଏବଂ ସ୍ଥାନୀୟ ବୋଡ଼ାନଦୀ ନିକଟ କଲ୍ୟାଣୀ ମଣ୍ଡପ ଆଗରେ ଥିବା ଦଧିବାମନ ସ୍ୱାମୀ ବିଜେଙ୍କ ନାମରେ ଥିବା (ପ୍ଲଟ ନମ୍ବର -୩୦୮୭, ଖାତା ନମ୍ବର-୧୨୪) ରେ ନିର୍ମିତ କରାଗଲେ ଅଞ୍ଚଳବାସୀ ସୁବିଧା ସୁଯୋଗ ହାତପାଆନ୍ତାରେ ପାଇପରିବେ ବୋଲି ଲିଖିତ ଅଭିଯୋଗ ପତ୍ର ମୁଖ୍ୟ କାର୍ଯ୍ୟ ନିର୍ବାହ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ ଜରିଆରେ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ପ୍ରଦାନ କରିଥିଲେ।

## ସରକାରୀ ଓକିଲଙ୍କ ନିଯୁକ୍ତି ସମ୍ପର୍କିତ ପିଟିସନ୍‌ର ପରବର୍ତ୍ତୀ ଶୁଣାଣି ଆସନ୍ତା ୩ରେ

ବ୍ରହ୍ମପୁର,୩୦।୧(ସମିସ): ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନ ବିଭାଗର ଅନୁମୋଦନ ପରେ ବିଭିନ୍ନ ଜିଲ୍ଲାରେ ସରକାରୀ ଓକିଲ(ନନ୍ କ୍ୟାଡର)ଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋର୍ଟରେ ସ୍ୱତନ୍ତ୍ର ପିପି, ଜିପି, ଅତିରିକ୍ତ ପିପି ଓ ସହକାରୀ ପିପି ଏହିଭଳି ମୋଟ ପ୍ରାୟ ୧୭୦ରୁ ଊର୍ଦ୍ଧ୍ୱ ଆଇନଜୀବୀଙ୍କୁ ନିଯୁକ୍ତି ମିଳିଛି। ଯାହା ପୂର୍ବାପେକ୍ଷା ପ୍ରାୟ ଦୁଇଗୁଣାରୁ ଅଧିକ ବୋଲି ଜଣାପଡ଼ିଛି। ତେବେ ଏହି ନିଯୁକ୍ତିକୁ ବିଭିନ୍ନ ଗ୍ରାଉଣ୍ଡରେ ଚାଲେଞ୍ଜ କରି ଗଞ୍ଜାମ ସମେତ ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାରେ ହୋଇଥିବା ନିଯୁକ୍ତିକୁ ନେଇ ହାଇକୋର୍ଟରେ ୩ଟି ପୃଥକ ପୃଥକ ରିଟ ପିଟିସନ ଦାଖଲ ହୋଇଛି। ସମସ୍ତ ପିଟିସନକୁ କୋର୍ଟ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲ୍ଲାରୁ ଆଇନଜୀବୀ ଆର. କ୍ରିଷ୍ଣା ରାଓ, ଢେଙ୍କାନାଳରୁ ଆଇନଜୀବୀ ଦେବରାଜ ବେହେରା ଏବଂ ବାଲେଶ୍ୱରରୁ ଆଇନଜୀବୀ ପ୍ରହ୍ଲାଦ ପତିଙ୍କ ସମେତ ଅନ୍ୟ ୧୪ଜଣ ଆଇନଜୀବୀ ପିଟିସନ ଦାଖଲ କରିଥିବା ଜଣାପଡିଛି। ସମସ୍ତ ପିଟିସନରେ ଆବେଦନକାରୀ ଆଇନଜୀବୀମାନେ ନିଯୁକ୍ତିକୁ ଚାଲେଞ୍ଜ କରିଥିବା ବେଳେ ରାଜ୍ୟ ସରକାର, ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କୁ ପକ୍ଷ କରିଥିବା ଜଣାପଡିଛି। ଏହି ମାମଲାର ପରବର୍ତ୍ତି ଶୁଣାଣି ହାଇକୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କ ଅଦାଲତରେ ଫେବୃଆରୀ ୩ରେ ହେବାକୁ ଥିବା ଜଣାପଡିଛି। ଆବେଦନକାରୀମାନେ ମୂଳତଃ ବିଭିନ୍ନ କୋର୍ଟରେ ପୂର୍ବରୁ ଥିବା ଅଥବା ପୂର୍ବ ସରକାରଙ୍କ ଅମଳରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ୩ବର୍ଷର କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହୋଇନଥିବା ଦର୍ଶାଇଛନ୍ତି। ସେହିଭଳି ନିର୍ଦ୍ଧାରିତ କାର୍ଯ୍ୟାଳୟ ପୂର୍ବରୁ ସରକାରଙ୍କ ପକ୍ଷରୁ ଏଭଳି ନିଯୁକ୍ତି ଆଇନ ସଙ୍ଗତ ଠିକ ନଥିବା ବେଳେ ଏଥିପାଇଁ ଆବଶ୍ୟକ ସମସ୍ତ ପ୍ରକ୍ରିୟାକୁ ସଠିକ ଭାବେ କରାଯାଇନଥିବା ଅଭିଯୋଗ କରିଛନ୍ତି।

**ଢେଙ୍କାନାଳ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାର ନିଯୁକ୍ତିକୁ ନେଇ ପୃଥକ ପିଟିସନ ଦାଖଲ**

## ମସ୍‌ଗୁଲ୍‌ରେ ମେଡିକାଲ କର୍ମଚାରୀ; ରୋଗୀସେବା ବନ୍ଦ




କବିସୂର୍ଯ୍ୟନଗର,୩୦।୧(ସମିସ): ଆଜି ଥିଲା ଶୁକ୍ରବାର। ନୂଆବର୍ଷ ଉପଲକ୍ଷେ କବିସୂର୍ଯ୍ୟନଗର ଆଠଗଡ଼ପାଟଣା ସ୍ଥିତ ନାରାୟଣୀ ମନ୍ଦିର ଠାରେ ଆୟୋଜିତ ହୋଇଥିଲା ମେଡିକାଲ କର୍ମଚାରୀଙ୍କ ଆନୁଆଲ ମିଟ୍। ନାଚଗୀତର ଆସର ଚାଲିଥିଲା, ଗୀତର ତାଳେ ତାଳେ ନାଚୁଥିଲେ ମେଡିକାଲ କର୍ମଚାରୀ। ଯାହାର ଭିଡିଓ ଭାଇରଲ ହେବାରେ ଲାଗିଛି। ଅନ୍ୟପଟେ ଦିନସାରା ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ରୋଗୀ। ଏମିତିକି ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହୋଇପଡ଼ିଥିଲା। କୌଣସି ବିଭାଗରେ ମଧ୍ୟ କର୍ମଚାରୀଙ୍କ ଦେଖାନଥିଲା। ସବୁଠି କର୍ମଚାରୀ ଖାଁ ଖାଁ, ସବୁଠି ଝୁଲୁଥିଲା ତାଲା। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅପେକ୍ଷା କରି କରି ରୋଗୀ ନିରାଶରେ ଘରକୁ ଫେରିଥିଲେ। ଆମ୍ବୁଲାନ୍ସ ଗଛ ତଳେ ଠିଆ ହୋଇଥିଲା, କିନ୍ତୁ ଚାଳକ ନଥିଲେ। ରୋଗୀଙ୍କ ପ୍ରତିକ୍ରିୟା ଶୁଣିବା ପରେ ଜନସାଧାରଣ ମର୍ମାହତ। ସକାଳୁ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇ ପାରିନାହାନ୍ତି କର୍ମଚାରୀ। ଏଭଳି ସ୍ଥିତିରେ ରୋଗୀଙ୍କୁ କେବଳ ଦଇବ ଭରସା ଥିଲା। ଏନେଇ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଅଖିଳେଶ ସାହୁ କହିଛନ୍ତି ଆମ୍ଭେ ଏକ ଭୋଜିରେ ଅଛୁ। ଅପରପକ୍ଷେ ସିଡିଏମ୍ଓ ଏହି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା ରାଲି




ଧରାକୋଟ,୩୦।୧(ସମିସ): ଧରାକୋଟ ସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ତରଫରୁ ଏକ ସଡକ ସୁରକ୍ଷା ରାଲି ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅକ୍ଷୟ ପଟ୍ଟନାୟକ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିବା ବେଳେ ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ବଳରାମ ସ୍ୱାଇଁ ଏହାର ପରିଚାଳନା କରିଥିଲେ। ଅଧ୍ୟାପିକା ଋଦ୍ଧି ସାହୁ, ରାଜଶ୍ରୀ ବେହେରା, ଶୁଭସ୍ମିତା ନାୟକ, ଆସଞ୍ଜଳି ଦଳାଇ, ପିଇଟି ପୂର୍ଣ୍ଣଚନ୍ଦ୍ର ଦାସ, ସନ୍ଦୀପ ପଟ୍ଟନାୟକ, ଦିଲୀପ ମହାନ୍ତି, ଅଶୋକ ଦାସ, କୁଶ ନାୟକ, ହୃଷୀକେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ




ବେଲଗୁଣ୍ଠା,୩୦।୧(ସମିସ): କ୍ଷେତ୍ରିୟବରପୁର ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ. ଗିରିଧର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନିତା ତ୍ରିପାଠୀ ସଂଯୋଜନା କରିଥିଲେ। ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ରୁନିବାଳା ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମହିଳା ଯୁବ ରେଡ଼କ୍ରସ ଶାଖାର ସହ-ଉପଦେଷ୍ଟା ସ୍ୱରୂପାରାଣୀ ବିଶ୍ୱାଳ ସମ୍ମାନୀତ ଅତିଥି ରୂପେ ମଞ୍ଚାସିନ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ଼ଃ ଗିରିଧର ନାୟକ ସରକାରଙ୍କ ଏହି ଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଅଂଶ ଗ୍ରହଣକାରୀ ଛାତ୍ରୀଙ୍କୁ ତାଲିମ ନେବାକୁ ପ୍ରେରଣା ଯୋଗାଇଥିଲେ। ରସାୟନ ବିଭାଗର ଅଧ୍ୟାପକ ଡ଼ଃ. ଇ. ରବିନାରାୟଣ ପାତ୍ର ଅନ୍ୟତମ ସମ୍ମାନିତ ଅତିଥିରୂପେ ଦେଇଥିଲେ। ପ୍ରଶିକ୍ଷିକା ଭାବେ ବନୀତା ସାହୁ ଓ ମିନତୀ ଗୌଡ଼ ଯୋଗ ଦେଇଥିଲେ। ସହ ସଂଯୋଜିକା ଧରିତ୍ରୀ ରାଣୀ ବିସୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାକ୍ଟର ଓଲଟି ଜଣେ ମୃତ

କବିସୂର୍ଯ୍ୟନଗର,୩୦।୧(ସମିସ): କବିସୂର୍ଯ୍ୟନଗର ଥାନା ଗୋଲାମୁଣ୍ଡୁଳା ନିକଟ ବାଘୁଆ ନଦୀ ହୁଡ଼ାରେ ଏକ ପଥର ବୋଝେଇ ଟ୍ରାକ୍ଟର ମୁଖ୍ୟ ରାସ୍ତାରୁ ଯାଉଥିବାବେଳେ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ଡ୍ରାଇଭର ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଆସିକା ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ରମେଶ ପ୍ରଧାନ। ପୁଲିସ ଶବ ଜବତ କରି ଘଟଣାର ତଦନ୍ତ କରୁଛି।

**● ଜଗମୋହନରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

## ପ୍ରଥମ ଦିନରେ ଜିତିଲେ ମାମୁଁଡିହ, ଜଗନ୍ନାଥପୁର



ଧରାକୋଟ,୩୦।୧(ସମିସ): ଧରାକୋଟ ବ୍ଲକର ଜଗମୋହନ ଗ୍ରାମ ସ୍ଥିତ ଠାକୁରାଣି ମନ୍ଦିର ପଡ଼ିଆରେ ମା' ଠାକୁରାଣୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରମୋଦ କୁମାର ମହାରଣା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ରାଜେନ୍ଦ୍ର ସାହୁ, ସଂକୀର୍ତ୍ତନ ଗୁରୁ ରବୀନ୍ଦ୍ର ସାହୁ, କ୍ରୀଡ଼ାବିତ ଭାସ୍କର ସାହୁ, ସମାଜସେବୀ ପ୍ରଦୀପ ସାହୁ, ଭଗବାନ ସାହୁ, ଅରୁଣ ସାହୁ, ରତ୍ନାକର ସ୍ୱାଇଁ, ସିଲୁ ସାହୁ ଓ ପିଣ୍ଟୁ ସାହୁ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନ ପୂର୍ବାହ୍ନର ମ୍ୟାଚ୍ ମାମୁଁଡିହ ଓ କର୍ପୁରନୂଆଗାଁ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ମାମୁଁଡିହ ବିଜୟୀ ହୋଇଥିଲେ। ଠିକ୍ ସେହିପରି ଅପରାହ୍ନରେ କଣଭାଗ ଓ ଜଗନ୍ନାଥପୁର ମଧ୍ୟରେ ଅନୁଷ୍ଠିତ ଖେଳରେ ଜଗନ୍ନାଥପୁର ଦଳ ବିଜୟୀ ହୋଇଥିଲେ। ପୂର୍ବତନ ଚାମ୍ପିଅନ ରାମଚନ୍ଦ୍ର ସାହୁ ରେଫରୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶିବ ପ୍ରସାଦ ସାହୁ ଓ ତ୍ରିଲୋଚନ ସାହୁ ଏହାର ପରିଚାଳନା କରିଥିଲେ। ୟୁଥ୍ କ୍ଲବ୍ ସଦସ୍ୟ ବାଳକୃଷ୍ଣ ସାହୁ, ସୁନିଲ ସାହୁ, ବିବେକ ଦାସ, ଗଗନ ସାହୁ, କିଶୋର ସାହୁ, ଶିବୁ ବେହେରା, ମନୋଜ ସେଠୀ, ଲୋକନାଥ ସାହୁ, ସିଲୁ ବେହେରା, ବାବୁନା ଦାସ, ରାଜେଶ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ବିଜୟୀ ଦଳକୁ ପୁରସ୍କୃତ କରାଯାଇଥିବା ବେଳେ ବାଳକୃଷ୍ଣ ସାହୁଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଘୋଷଣା କରାଯାଇଥିଲା।

**ଆଠଗଡ଼ପାଟଣାରେ କିଡ୍‌ନୀ ରୋଗ ଆତଙ୍କ**

# ୩୦ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି; ଶତାଧିକ ଆକ୍ରାନ୍ତ







କବିସୂର୍ଯ୍ୟନଗର,୩୦।୧(ସମିସ)

କବିସୂର୍ଯ୍ୟନଗର ଆଠଗଡ଼ପାଟଣା ଗ୍ରାମ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଦୂଷିତ ଜଳ ବ୍ୟବହାର ଯୋଗୁ ଏଠାରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। କିଡ୍‌ନୀ ରୋଗ ୩୦ରୁ ଊର୍ଦ୍ଧ୍ୱ ଜୀବନ ନେଇଥିବାବେଳେ ଶତାଧିକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଫଳରେ ଜଳ ପରୀକ୍ଷଣ ଓ ଏହାର ପ୍ରତିକାର ପାଇଁ ସୁଧର୍ମା ସେବା ସଂଘ ପକ୍ଷରୁ ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିବେଦନ କରାଯାଇଛି।

ଗତ ଦୁଇବର୍ଷ ମଧ୍ୟରେ ଆଠଗଡ଼ପାଟଣାରେ କିଡ୍‌ନୀ ସମ୍ବନ୍ଧୀୟ ରୋଗରେ ବହୁ ଜଣ ଆକ୍ରାନ୍ତ ହୋଇ ଜୀବନ ହାରିଲେଣି। ପ୍ରତ୍ୟେକ ସାହିରେ ଦୁଇରୁ ଅଧିକ ରୋଗୀ ରହିଛନ୍ତି। ଗ୍ରାମରେ ବହୁ କୂଅ, ନଳକୂପ, ପୋଖରୀ ଥିଲେ ସୁଦ୍ଧା ପାଣି ଭଲ ନଥିବାରୁ ଲୋକେ ଏହାକୁ ବ୍ୟବହାର କରି ଅସୁସ୍ଥ ହେଉଛନ୍ତି। ରାସ୍ତାଘାଟରେ ସର୍ବଦା ପାଣି ଜମି ରହିବା ସହ ବହୁ ଟ୍ୟାପ୍ ଖୋଲା ରହିବା ଓ ପାଣି ଲିକେଜ୍ ହେଉଥିବା ଦେଖିବାକୁ ମିଳିଥିଲା। ପାଣିର ରଙ୍ଗ, ଗନ୍ଧ ଓ ସ୍ୱାଦ ସାଧାରଣ ପାଣିଠାରୁ ଅଲଗା ଜଣାପଡିଛି। ଡାୟଲିସିସ ଓ ଅନ୍ୟ ଚିକିତ୍ସା ବ୍ୟୟବହୁଳ ହେତୁ ଗରିବ, ଦିନମଜୁରିଆ, ଶ୍ରମିକ ଶ୍ରେଣୀର ଲୋକ ଆର୍ଥିକ ବୋଝ ସହି ନ ପାରି ବିନା ଚିକିତ୍ସାରେ ଆଖି ବୁଜୁଛନ୍ତି। ସୁଧର୍ମା ସେବା ସଂଘ ପକ୍ଷରୁ ପାନୀୟ ଜଳର ଉତ୍ସ ତୁରନ୍ତ ବୈଜ୍ଞାନିକ ପଦ୍ଧତିରେ ପରୀକ୍ଷଣ କରିବା ସହ ଯଦି ପାଣିରେ ଫ୍ଲୋରାଇଡ, ଆର୍ସେନିକ, ଲୌହ, କିମ୍ବା କିଛି ବିଷାକ୍ତ ଦ୍ରବ୍ୟ ମିଶିଥିଲେ, ତାହାର ତୁରନ୍ତ ପ୍ରତିକାର କରାଯାଉ ବୋଲି ଦାବୀ ହେଉଛି। ପାଣି ପରୀକ୍ଷା କରିବା ସହ ଏକ ବିଶେଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ମାଗଣା ପରୀକ୍ଷା, ଚିକିତ୍ସା କରାଯିବାକୁ ଦାବି ହୋଇଛି। ନିକଟରେ ଦୁଇ ଜଣ ମୃତ୍ୟୁବରଣ କରିଛନ୍ତି। ଏନେଇ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଚିକିତ୍ସା ଅଧିକାରୀ, ବିଡ଼ିଓ, ବିଧାୟକ, ସ୍ୱାସ୍ଥ୍ୟ ଉଚ୍ଚ ଆୟୋଗ, ପଞ୍ଚାୟତ ଅଧ୍ୟକ୍ଷ, ଆଠଗଡ଼ ସରପଞ୍ଚଙ୍କୁ ପତ୍ର ଲେଖି ଅଭିଯୋଗ ଜଣାଇଛନ୍ତି। ଏନେଇ ଆଠଗଡ଼ ସରପଞ୍ଚ ଛବିରାଣୀ ତ୍ରିପାଠୀ କହିଛନ୍ତି, ଆମ ନିକଟରେ ଅଭିଯୋଗ ନାହିଁ, ଅଭିଯୋଗ ଆସିଲେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ଏହାର ସମାଧାନ କରିବାକୁ ଯତ୍ନଶୀଳ ହେବୁ। ସିଡ଼ିଏମ୍ ଓ ପିଏଚ୍ଓ ମଧ୍ୟ କୌଣସି ଅଭିଯୋଗ ହୋଇନଥିବା କହିଛନ୍ତି।

# ପୁଣି ଜିଲ୍ଲାପାଳଙ୍କୁ ଭେଟିଲେ ଛେଲିଗଡ଼ ପ୍ରକଳ୍ପ ବିସ୍ଥାପିତ

ପାରଳାଖେମୁଣ୍ଡି,୩୦ ।୧(ସମିସ)




ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଛେଲିଗଡ଼ ପ୍ରକଳ୍ପ ବିସ୍ଥାପିତ ପୁଣି ଥରେ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି । ବିସ୍ଥାପିତଙ୍କୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପ୍ରଶାସନ ପକ୍ଷରୁ ଯେଉଁ ପ୍ରସ୍ତାବ ଦିଆଯାଇଥିଲା ବର୍ତ୍ତମାନ ତାହା କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ଆଣିଛନ୍ତି ବିସ୍ଥାପିତ । ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ଛେଲିଗଡ଼ ପ୍ରକଳ୍ପ ୨୦୦୫ ମସିହାରୁ ତତ୍କାଳୀନ ସରକାରଙ୍କ ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସେହି ସମୟରେ ବିସ୍ଥାପିତଙ୍କୁ ଥଇଥାନ କରିବା ପାଇଁ ୫ ଏକର ଜମି ସହ ବାସଗୃହ ନିର୍ମାଣ ପାଇଁ ୧୦ ଡେସିମିଲ ଜାଗା ଯୋଗାଇ ଦେବାପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସରକାର ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳରେ ବିସ୍ଥାପିତଙ୍କ ଜମିକୁ ସରକାର ଅଧିଗ୍ରହଣ କରିଥିଲେ । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବିସ୍ଥାପିତଙ୍କୁ କ୍ଷତିପୂରଣ ମିଳିନାହିଁ । ଏଥିସହ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ସମୟରେ ସରକାର ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ଅନେକ ପ୍ରତିଶ୍ରୁତି କାଟି ଦିଆଯାଇଥିବା ବିସ୍ଥାପିତ କହିଛନ୍ତି । ଛେଲିଗଡ଼ ମଧ୍ୟମ ଜଳ ପ୍ରକଳ୍ପ ନିର୍ମାଣ ହେଲେ ଅଞ୍ଚଳର ଆକିଲି, ତିଲିଗାଁ, ବିଦ୍ୟାଧରପୁର, ସୁଗୁୱା ଓ ଚଢ଼ିଆପଦା ପାଞ୍ଚଟି ଗ୍ରାମ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହେବ । ଏହି ୫ ଗ୍ରାମରୁ କିଛି ବିସ୍ଥାପିତଙ୍କୁ ବାସସ୍ଥାନ ମିଳିଛି କିନ୍ତୁ ସରକାରୀସ୍ତରରେ କ୍ଷତିପୂରଣ ବାବଦକୁ ଚାଷଜମି ଦେବାପାଇଁ ଜମି ଚିହ୍ନଟ ହୋଇନାହିଁ । ପ୍ରଶାସନର ଏଭଳି ଅବହେଳାକୁ ନେଇ ବିସ୍ଥାପିତ ବର୍ତ୍ତମାନ ପର୍ଯ୍ୟନ୍ତ ନିଜ ଭିଟାମାଟି ଛାଡ଼ିନାହାନ୍ତି । ଅନ୍ୟପଟେ ବିସ୍ଥାପିତ ଯେଉଁ ଜାଗା ଚିହ୍ନଟ କରିଛନ୍ତି ସେଠାକୁ ପ୍ରଶାସନ ଯାଇ ଦେଖୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଥଇଥାନ କରିବାରେ ବିଳମ୍ବ ଯୋଗୁ ଆଜି ବିସ୍ଥାପିତଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସମସ୍ୟା ଜଣାଇବା ସହ ଆଲୋଚନା କରିବାକୁ ଆସିଥିଲେ । କିନ୍ତୁ କୌଣସି ସୁଫଳ ନମିଳିବାରୁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲାଉଥିବା ସିଧାସଳଖ ଅଭିଯୋଗ କରିଛନ୍ତି । ଛେଲିଗଡ଼ ବୁଡ଼ି ଅଞ୍ଚଳ ବିସ୍ଥାପିତ ସଂଗ୍ରାମ ସମିତିର ସଭାପତି ଚୈତନ୍ୟ ସାହୁଙ୍କ ନେତୃତ୍ୱରେ ୫ ଗ୍ରାମବାସୀ ପ୍ରତିନିଧି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ସହ ଆଲୋଚନା କରି ୧୫ ଦଫା ଦାବି ପୂରଣ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଆଜି ମଧ୍ୟ କୌଣସି ନିଷ୍କର୍ଷର୍ ବାହାରିପାରିନଥିବା ପ୍ରତିନିଧି ଜଣାଇଛନ୍ତି । ପ୍ରତିନିଧିଙ୍କ ମଧ୍ୟରୁ ଚଢ଼ିଆପଦା ଗ୍ରାମ ପ୍ରତିନିଧି ଗୁଞ୍ଜୁ ମଣ୍ଡଳ ଏବଂ ତିଲିଗାଁ ଗ୍ରାମ ପ୍ରତିନିଧି ଦଣ୍ଡପାଣି ଦଳାଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିପାରି ନଥିଲେ । ବହୁ ଲୋକ ଆସିଯାଇଛ ଏବଂ ତୁମେ ଦୁଇ ବାହାରକୁ ଯାଅ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା ବୋଲି ସେମାନେ କହିଛନ୍ତି । ଛେଲିଗଡ଼ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ୨୦ ବର୍ଷରୁ ଅଧିକ ସମୟ ହୋଇଥିବା ବେଳେ ରାଜ୍ୟ ସରକାର ବିସ୍ଥାପିତଙ୍କୁ ପ୍ରକଳ୍ପ ଅଞ୍ଚଳରୁ ବାହାର କରିବା କିମ୍ବା ଥଇଥାନ କରିବାରେ ଏକ ପ୍ରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି ।

**କୌଣସି ନିଷ୍କର୍ଷ ବାହାରୁନଥିବାରୁ ଅସନ୍ତୋଷ**

## ରାୟଗଡ଼ରେ ହିନ୍ଦୁ ସମ୍ମିଳନୀ



ରାୟଗଡ,୩୦।୧(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରରେ ହିନ୍ଦୁ ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ସକାଳୁ ବିଭିନ୍ନ ଗ୍ରାମର ଶତାଧିକ ମହିଳା ଗଙ୍ଗା ଆବାହନ କରି ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ କଳସ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ଏଥିରେ ନାମ ସଂକୀର୍ତ୍ତନ, ବିଶ୍ୱଶାନ୍ତି ମହାଯଜ୍ଞ, ସାମୂହିକ ହନୁମାନ ଚାଳିଶା, ଧର୍ମସଭା ଓ ପ୍ରବଚନ ସହ ପ୍ରସାଦସେବନ କାର୍ଯ୍ୟକ୍ରମ ହୋଇଥିଲା । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବୁଦ୍ଧିଜିବୀ ଏସ୍. ତେଜେଶ୍ୱର ରାଓ, ମୁଖ୍ୟ ବକ୍ତା ଭାବେ ଆର୍‌ଏସ୍‌ଏସ୍ ଓଡ଼ିଶା ପୂର୍ବପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ ମାଝୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନି, ଗଞ୍ଜାମ ସହ ବିଭାଗ କାର୍ଯ୍ୟବାହ ଜୁରାଆ ଜାନି, ଦେବୀ ମଠ ମହନ୍ତ ରାମାନନ୍ଦଜି ଦାସ ମହାରାଜ, ଖଣ୍ଡ ସଂଘ ଚାଳକ ନରେଶ ଶବର ମଞ୍ଚାସୀନ ଥିଲେ । ଅନ୍ୟତମ ଅତିଥି ଭାବେ ଖଣ୍ଡ କାର୍ଯ୍ୟବାହ ଭୀମ ଶବର, ଖଣ୍ଡ ଜାଗରଣ ସୁବାଷ ଭୂୟା, ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ । ବି. କୃଷ୍ଣଚନ୍ଦ୍ର ପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରସାଦ ଘଡାଇ, ଶିବ ଶଙ୍କର ଭୂୟାଁ, ସୁରେନ୍ଦ୍ର ଦଳାଇ, ସୌମ୍ୟ ରଂଜନ ପଟ୍ଟନାୟକ, କାଶୀ ଆଚାରୀ, ମନୁ ସାହୁ, ଚିତ୍ର ଲେଙ୍କା, ରାଜୁ ଆଚାରୀ, ମନୋଜ ବେହେରା, ବାପି ପାଇକ, ବାପି ଦଳପତିଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଦାରିଙ୍ଗବାଡ଼ି ଗସ୍ତ



ଦାରିଙ୍ଗବାଡି,୩୦।୧(ସମିସ): କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ଦାରିଙ୍ଗବାଡି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପ୍ରଥମେ ବ୍ରାହ୍ମଣିଗାଁ ଗସ୍ତ କରି ପର୍ଯ୍ୟଟନସ୍ଥଳୀ ତଥା ବାରୁଣୀ କ୍ଷେତ୍ର ଋଷିମାଳ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିବା ବେଳେ ଋଷିମାଳ କଲେଜ ଓ ପ୍ରଭାତୀତାରା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ । ପରେ ପର୍ଯ୍ୟଟନସ୍ଥଳୀ ଲଭର୍ସ ପଏଣ୍ଟ ଯାଇ ଦେଖିବା ସହ କିଭଳି ଏହାକୁ ସୌନ୍ଦର୍ଯ୍ୟକରଣ କରାଯାଇ ପାରିବ ସେନେଇ ସମୀକ୍ଷା କରି ଏକଲବ୍ୟ ବିଦ୍ୟାଳୟ ଓ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଦେଖିଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ବିଡ଼ିଓ ପ୍ରୀତି ରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ପାଇଁ ୨ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ପାରଳାଖେମୁଣ୍ଡି,୩୦ ।୧(ସମିସ): ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତର ଦୁଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆଜି ଏନେଇ ଜୟନ୍ତାଭୂୟାଁ ସାହି ଓ ବାଲମୁଣ୍ଡା ଗ୍ରାମବାସୀ ଏକାଠି ହୋଇ ଜିଲ୍ଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜୟନ୍ତାଭୂୟାଁ ସାହିରେ ବହୁ ଲୋକ ଦୀର୍ଘବର୍ଷ ହେଲା ବସବାସ କରିଆସୁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଏଠାକୁ ପକ୍କା ରାସ୍ତା ନିର୍ମାଣ ହୋଇନାହିଁ । ଫଳରେ ଛାତ୍ରଛାତ୍ରୀଙ୍କ ସହ ଗ୍ରାମବାସୀ ହୀନସ୍ତା ହେଉଛନ୍ତି । ୨୦୨୪ ଜାନୁଆରୀ ୨୪ରେ କୁଜାସିଙ୍ଗି ଠାରୁ ଜୟନ୍ତାଭୂୟାଁ ସାହି ପର୍ଯ୍ୟନ୍ତ ମୋଟ ୯କିମି ରାସ୍ତା ପାଇଁ ମାପଚୁପ କରାଯାଇଥିଲା । ଜିନ୍ତୁ ବର୍ତ୍ତମାନ କୁଜାସିଙ୍ଗି ଠାରୁ କୁଣ୍ଡେଇସିଙ୍ଗି ପର୍ଯ୍ୟନ୍ତ ରାସ୍ତା କାମ ବନ୍ଦ କରାଯାଇଛି । ଅବଶିଷ୍ଟ ୪କିମି ରାସ୍ତା ଶୋଚନୀୟ ରହିଛି । ଏହି ରାସ୍ତା ତୁରନ୍ତ ମରାମତି କରାଯିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି । ସେହିପରି ବାଲମୁଣ୍ଡା ଗ୍ରାମବାସୀ ଅଢେଇ ଆରଡି ରାସ୍ତା ଠାରୁ ବାଲମୁଣ୍ଡା-ଅଜୟଗଡ଼ ପର୍ଯ୍ୟନ୍ତ ରାସ୍ତା ନାହିଁ । ବାଲମୁଣ୍ଡା ଗ୍ରାମରେ ୧୨୦ ଘରର ୫୪୦ ଜଣ ବସବାସ କରୁଛନ୍ତି । ହେଲେ ପକ୍କା ରାସ୍ତା ନଥିବା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଢେଇ ଆରଡି ରାସ୍ତା ଠାରୁ ବାଲମୁଣ୍ଡା-ଅଜୟଗଡ ପର୍ଯ୍ୟନ୍ତ୬ କିମି ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରାଯାଇ ନୂତନ ରାସ୍ତା ନିର୍ମାଣ ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ରାସ୍ତା କାମ ତୁରନ୍ତ କରାନଗଲେ ୨୦୨୭ ମସିହାରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ଭୋଟ ବର୍ଜନ କରାଯିବ ବୋଲି ଗ୍ରାମବାସୀ ଜଣାଇଛନ୍ତି ।

## ଲିଙ୍ଗାଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ଜି.ଉଦୟଗିରି,୩୦।୧(ସମିସ): ଜି.ଉଦୟଗିରି ବ୍ଲକ ଲିଙ୍ଗାଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ବିରେନ୍ଦ୍ର ପଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ଜି. ଉଦୟଗିରି ବ୍ଲକ୍ ଅଧକ୍ଷା ସୁଷମା ପ୍ରଧାନ, ମୁଖ୍ୟବକ୍ତା ଭାବେ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶିବରାମ ସାହୁ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ବିଡ଼ିଓ ସତ୍ୟ ନାରାୟଣ ମିଶ୍ର, ବ୍ଲକ୍ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ଲିଲିମା ପ୍ରଧାନ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ମିହିର କାନ୍ତ ପ୍ରଧାନ, ପରମାନନ୍ଦ ନାୟକ, ନିବେଦିତ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ପରିଛା, ଲିଙ୍ଗାଗଡ ସମିତିସଭ୍ୟ ସୁନେଲିକା ନାୟକ ଯୋଗ ଦେଇଥିଲେ । ଶିକ୍ଷକ ରାଜୀବ ଚୌଧୁରୀ, ରଞ୍ଜନ ଚୌଧୁରୀ, ପି.ଏଲ. ସ୍ମୃତିଶିଖା, ଆଞ୍ଚଳ ପତି, ଶସିତ ପ୍ରଧାନ, ଅମ୍ରିତା ପ୍ରଧାନ, ରଞ୍ଜନା ରଣାଙ୍କ ସହ ପୂର୍ବତନ ଶିକ୍ଷକ/ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

## ଦାରିଙ୍ଗବାଡ଼ିରେ ହିନ୍ଦୁ ସମ୍ମିଳନୀ

ଦାରିଙ୍ଗବାଡି,୩୦।୧(ସମିସ)

ଦାରିଙ୍ଗବାଡି ମଣ୍ଡଳୀ ହିନ୍ଦୁ ସମ୍ମିଳନୀ ସଂଚଳନ ସମିତି ପକ୍ଷରୁ ଦାରିଙ୍ଗବାଡି ଶିବ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସକାଳ ୮ ଟାରୁ ଅଗ୍ନିହୋତ୍ର ଓ ଘୃତଯଜ୍ଞରୁ ଆରମ୍ଭ କରାଯାଇଥିଲା । ପରେ ସାମୂହିକ ୧୦୮ ହନୁମାନଙ୍କ ଚାଳିଶା ପାଠ କରାଯାଇଥିଲା । ଏହା ପରେ ନଗର ପରିକ୍ରମା, ବ୍ୟକ୍ତିଗତ ଗୀତ, ରାଷ୍ଟ୍ର ବନ୍ଦନା, ବୌଦ୍ଧିକ, ଶାନ୍ତି ପାଠ ହୋଇଥିଲା । କାର୍ଯ୍ୟକ୍ରମକୁ ଗୌରୀଶଙ୍କର ସାହୁଙ୍କ ସମେତ ସୂର୍ଯ୍ୟ ନାରାୟଣ ସାହୁ, ଶିବ ପ୍ରସାଦ ମିଶ୍ର, ଡ. ଅମ୍ବିକ ପ୍ରସାଦ ସତପଥୀ, ରମେଶ ଚନ୍ଦ୍ର ସାହୁ, ପ୍ରଶାନ୍ତ ଗନ୍ତାୟତ, ଭଗବାନ ସାହୁ, ବାପୁଲି ସାହୁ, ସ୍ୱାଗତ ବେହେରା, ରାଜେନ୍ଦ୍ର ସାହୁ, ଅଜିତ ସାହୁ, ମନୋସ୍ୱିନୀ ତ୍ରିପାଠୀ, ବିଶିକେସନ ପ୍ରଧାନ, ହିର୍ତ୍ତିକ ସାହୁ, ଅନୁଭ ସାହୁ, ରୁଦ୍ରମାଧବ ସାହୁ, ନିରଞ୍ଜନ ସାହୁ, ଶ୍ୟାମସୁନ୍ଦର ଦିଗାଲ, ଆମ୍ବେଦକର ମଲିକ, ଶିଶିର ଗନ୍ତାୟତ, ଲଡୁ କିଶୋର ସାହୁ, ଦିଲୀପ ସାହୁ, ନୃସିଂହ ସାହୁ, ସନ୍ତୋଷ ସାହୁ, ପ୍ରମୁଖ ପରିଚାଳନା କରିଥିଲେ । ବିଜୟ କୁମାର ସାମଲ ବିଭାଗ ପ୍ରଚାରକ ଗଞ୍ଜାମ ଯୋଗ ଦେଇ ଉତ୍ସାହିତ କରିଥିଲେ ।

## ସଲପ ଗଛରୁ ପଡ଼ି ବୃଦ୍ଧ ମୃତ

ଦାରିଙ୍ଗବାଡି, ୩୦।୧(ସମିସ): କାଳ ହେଲା ସଲପ ରସ ପିଇବା ଇଚ୍ଛା । ଗଛକୁ ଚଢ଼ି ରସ ବାହାର କରି ଓହ୍ଲାଇବାବେଳେ ଖସିପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସିଆଙ୍ଗବାଲି ପଞ୍ଚାୟତ ପେଟେଡ଼ାବାଡ଼ି ଗ୍ରାମର ଶ୍ରୀକାନ୍ତ ପ୍ରଧାନ(୫୫) । ଶ୍ରୀକାନ୍ତ ଓ ତାଙ୍କ ସହ କିଛି ଲୋକ ଶୁକ୍ରବାର ସକାଳୁ ଗାଁ ପାଖ ଏକ ସଲପ ଗଛରୁ ସଲପ ରସ ବାହାର କରି ପିଇବା ପାଇଁ ଯାଇଥିଲେ । ଶ୍ରୀକାନ୍ତ ବାଉଁଶ କେରାରେ ଗଛ ଚଢ଼ିଥିଲେ । ରସ ଧରି ଓହ୍ଲାଇବା ବେଳେ କେରା ଭାଙ୍ଗିଯିବାରୁ ୩୦ ଫୁଟ ତଳକୁ ଖସି ପ୍ରାଣ ଚାଲିଯାଇଥିଲା । ସିଆଙ୍ଗବାଲି ସରପଞ୍ଚ ଆନ୍ଦ୍ରିକ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି ।

## କାଟିଙ୍ଗିଆ ଯାଇପାରୁନି 'ମୁଖ୍ୟମନ୍ତ୍ରୀ ବସ୍'; ଅଞ୍ଚଳବାସୀ ହନ୍ତସନ୍ତ

ବ୍ରାହ୍ମଣୀଗାଁ,୩୦।୧(ସମିସ): ଦାରିଙ୍ଗବାଡି ବ୍ଲକ କାଟିଙ୍ଗିଆ ପଞ୍ଚାୟତ ସଦର ମହକୁମାକୁ ବ୍ଲକ ମହକୁମାରୁ ଦିନରେ ଦୁଇଥର ଯାଉଥିଲା ମୁଖ୍ୟମନ୍ତ୍ରୀ ବସ । ଯାହା ଦ୍ୱାରା ପଞ୍ଚାୟତବାସୀ ବ୍ଲକ, ତହସିଲ, କୋର୍ଟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁବିଧାରେ ଯାତାୟତ କରିପାରୁଥିଲେ । ହେଲେ ରାସ୍ତା ନିର୍ମାଣ କରୁଥିବା ଠିକା ସଂସ୍ଥା, ଗୁଡ଼ିକା ଗ୍ରାମ ନିକଟରେ ଥିବା ଛୋଟ ଘାଟି ରାସ୍ତା ଖୋଳି ଥିବାରୁ ଦୁଇଦିନ ହେଲା ବସ ଚଳାଚଳରେ ସମସ୍ୟା ହୋଇଛି । ବସ୍ ଚଳାଚଳ ପଞ୍ଚାୟତ ସଦର ମହକୁମାକୁ ବନ୍ଦ ହୋଇଯିବାରୁ ଅଞ୍ଚଳବାସୀ ହନ୍ତସନ୍ତ ହେବା ସହିତ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ଆଣିଛନ୍ତି । ଠିକା ସଂସ୍ଥା ବ୍ରାହ୍ମଣୀଗାଁ-ବ୍ରହ୍ମପୁର ମୁଖ୍ୟରାସ୍ତା ଠାରୁ କାଟିଙ୍ଗିଆ ସଦର ମହକୁମା ଦେଇ ମିଞ୍ଜାପଙ୍କା ଯାଏଁ ପ୍ରାୟ ୩୦ କିମି ରାସ୍ତା ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗ ସହ ଚୁକ୍ତି କରିଛି । ଠିକା ସଂସ୍ଥା ଅତିଶୀଘ୍ର ରାସ୍ତା କାମ କରି ବସ୍ ଚଳାଚଳ ସ୍ୱାଭାବିକ କରିବାକୁ ପଞ୍ଚାୟତବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।

## ଗୁମ୍ମା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ଗୁମ୍ମା,୩୦ ।୧(ସମିସ): ଗୁମ୍ମା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପାଢ଼ିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି, ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ରଞ୍ଜନ ମଣ୍ଡଳ, ସ୍ଥାନୀୟ ସମିତି ସଭ୍ୟା ସ୍ନିଗ୍ଧାରାଣୀ ଓ ବିଦ୍ୟାଳୟର ଏସ୍‌ଏମ୍‌ସି ଅଧକ୍ଷ ମିହିରଲାଲ ପାଣି ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମନୋଜ କୁମାର ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ବଡ଼ ମଣିଷ ନ ହୋଇ ଭଲ ମଣିଷ ହେବାକୁ ପରାମର୍ଶ ଦେବା ସହ ଗୁମ୍ମା ଭଳି ଉପାନ୍ତ ଅଞ୍ଚଳରେ ରହିଥିବା ଏହି ବିଦ୍ୟାଳୟ ୧୯୬୪ ମସିହାରେ ସ୍ଥାପିତ ହୋଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହିଥିଲେ । ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଜି. ଆନନ୍ଦ, ପିନ୍ଧାସ ବେବର୍ତ୍ତା, ଜିତେନ୍ଦ୍ର କୁମାର ପାଣି, ବିଘ୍ନରାଜ ମଳିକ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ରାଇକିଆରେ ବ୍ଲକ୍‌ସ୍ତରୀୟ ୱାଟର୍ ସେଡ୍ ମହୋତ୍ସବ



ରାଇକିଆ,୩୦।୧(ସମିସ): ରାଇକିଆ ବ୍ଲକ୍ ମାଣିକେଶ୍ୱର ପଞ୍ଚାୟତ ଗୁଡ୍ରିଘାଷିରେ ଶୁକ୍ରବାର ବ୍ଲକ୍‌ସ୍ତରୀୟ ୱାଟର ସେଡ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଭାଗ ତରଫରୁ ଚାଷୀଙ୍କୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ, ଏହାର ସଫଳତା, ପ୍ରଚାର ପ୍ରସାର ଓ ସଚେତନତା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ଜେନା, ଏଏସସିଓ ଡ଼.ଜିତେନ୍ଦ୍ର କୁମାର ନାୟକ, ଉଦ୍ୟାନ ବିଭାଗ ଡେପୁଟି ଡାଇରେକ୍ଟର ସ୍ମିତା ମହାନ୍ତି, ବ୍ଲକ୍ କୃଷି ଅଧିକାରୀ ସଚିନ୍ଦ୍ର ସେଠୀ, ପିଆଇଏ ଅର୍ଚ୍ଚନା ନାୟକ ଯୋଗ ଦେଇ ଚାଷୀଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ଯୋଜନାର ସଫଳ ରୂପାୟନ ନେଇ ଆଲୋକପାତ କରିଥିଲେ । କୃଷି କ୍ଷେତ୍ରରେ ସଫଳତା ହାସଲ କରିଥିବା ୯ ଜଣ ଚାଷୀ ଓ ଏକ ଆଦର୍ଶ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାର୍ଗ ଦର୍ଶକ ଭାବେ ମାନପାତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ପ୍ରତିଯୋଗୀତା ହୋଇଥିଲା । ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ମଧ୍ୟ କରଯାଇଥିଲା । କାର୍ଯ୍ୟକ୍ରମରେ ୯ ଅଣୁ ଜଳ ବିଭାଜିକା ସମିତି ସଭାପତି, ସମ୍ପାଦକ, ସଦସ୍ୟ ଏବଂ ଡବ୍ଲୁଡିଟି ସଦସ୍ୟ ଏବଂ ଚାଷୀ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ରାଇକିଆ ମୃତ୍ତିକା ସଂରକ୍ଷଣ ବିଭାଗ ଓଭରସିଓର୍ ସୁମିତ୍ ମିଶ୍ର ସଂଯୋଜନା କରିଥିଲେ ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ସେଭ୍‌ଫୁଲ୍ ଇଣ୍ଡିଆ ଆପ୍ ଆରମ୍ଭ




ପାରଳାଖେମୁଣ୍ଡି, ୩୦ ।୧(ସମିସ): ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ଟେକ୍ନୋଲୋଜି ଏବଂ ପରିଚାଳନା ପାରଳାଖେମୁଣ୍ଡି କ୍ୟାମ୍ପସରେ ସେଭଫୁଲ ଇଣ୍ଡିଆ ଆପ୍ ଲଞ୍ଚ କରାଯାଇଛି । ଭୁବନେଶ୍ୱର କ୍ୟାମ୍ପସରେ ୨୭ ତାରିଖରେ ଏହାର ସଫଳ ଲଞ୍ଚ ପରେ, ପାରଳାଖେମୁଣ୍ଡିରେ ଏହା କରାଯାଇଛି । ନିକଟ ଭବିଷ୍ୟତରେ ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସମସ୍ତ କ୍ୟାମ୍ପସରେ ଏହି ଆପ୍ ଆରମ୍ଭ କରିବାର ଯୋଜନା ରହିଛି । ଜାତୀୟ ଆପ୍ ଲଞ୍ଚ ଆସନ୍ତା ମାର୍ଚ୍ଚ ୧୨ ତାରିଖରେ ନୂଆଦିଲ୍ଲୀରେ ହେବାର କାର୍ଯ୍ୟକ୍ରମ ରହିଛି । ଅଷ୍ଟ୍ରେଲିଆର ଏକ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ, ଇଓ-ଚାଳିତ ସ୍ଥାୟୀତ୍ୱ ପ୍ଲାଟଫର୍ମ ସେଭଫୁଲ ଖାଦ୍ୟ ଅପଚୟ ହ୍ରାସ କରିବା, ପରିବାର ଖର୍ଚ୍ଚ ବଞ୍ଚାଇବା ଏବଂ ସ୍ଥାୟୀ ରୋଷେଇ ଅଭ୍ୟାସକୁ ଉତ୍ସାହିତ କରିବା ଉପରେ ଧ୍ୟାନ ଦେଉଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସେଭଫୁଲର ଅନ୍ତର୍ଜାତୀୟ ପ୍ରତିନିଧି କିମ୍ ମ୍ୟାକଡୋନେଲ୍, ମାଇକ୍ ଟୁଟର ଏବଂ ମାର୍କ ହିଲ୍ସ ଏବଂ, ସିୟୁଟିଏମ୍‌ର ରେଜିଷ୍ଟ୍ରାର ଡ.ଅନିତା ପାତ୍ର ଯୋଗଦେଇଥିଲେ ।

## ଧାନ କିଣା ସମସ୍ୟାର ସମାଧାନ ପାଇଁ ବୈଠକ | ଚାଷୀଙ୍କ ଏକା ଜିଦ୍; ମଣ୍ଡିରେ ଧାନ କିଣାଯାଉ

ପାରଳାଖେମୁଣ୍ଡି,୩୦ ।୧(ସମିସ)



ଗଜପତି ଜିଲ୍ଲାରେ ଧାନ କିଣା ବିଭ୍ରାଟକୁ ନେଇ ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ପରେ ଆଜି ପ୍ରଶାସନ, ମିଲର, ଚାଷୀ, ଚାଷୀ ନେତା ଓ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ସମନ୍ୱୟ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହନନଗା, ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମବାୟ ସମିତିର ଜିଲ୍ଲା ମୁଖ୍ୟ ହରିହର ସେଠ୍ ଓ ଏସିଏସ୍‌ଓ ସୁହାନ ଭୋଇ ଯୋଗ ଦେଇଥିଲେ ।

ବୈଠକରେ ଚାଷୀ ତାଙ୍କ ସମସ୍ୟା ସମ୍ପର୍କରେ ଦାବି ରଖିଥିବା ବେଳେ ମିଲର, ଚାଷୀ ଓ ସୋସାଇଟି ସମ୍ପାଦକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ମିଲରଙ୍କ ମନମାନି କ୍ୱିଣ୍ଟାଲ ପିଛା ୫ରୁ ୬ କିଲୋ ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନୀ ଏବଂ ଅଖା ସହ ପରିବହନ ବାବଦକୁ ଦିଆଯାଉଥିବା ଟଙ୍କା କିଏ ଖାଉଛି ତାର ହିସାବ ଦିଅନ୍ତୁ ବୋଲି କହି ଚାଷୀ ହୋ ହଲ୍ଲା କରିଥିଲେ । ଆଲୋଚନା ପରେ ଚାଷୀଙ୍କ ସହମତିରେ କ୍ୱିଣ୍ଟାଲ ପିଛା ସର୍ବାଧିକ ଦୁଇ କିଲୋ କାଟ୍ ପାଇଁ ନିଷ୍ପତ୍ତି ହୋଇଥିଲା । ସେହିଭଳି ଅଖା ବାବଦରେ ସରକାର ଦୁଇବର୍ଷ ହେଲା ଅନୁଦାନ ପ୍ରଦାନ କରିନଥିବା ମିଲର ସଂଘ ଉତ୍ତର ରଖିବା ସହ ପରିବହନ ଖର୍ଚ୍ଚ କାହିଁକି ଦେବୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରନ୍ତୁ ବୋଲି କୁହାଯାଇଥିଲା । ଶେଷରେ ମିଲରଙ୍କ ପାଖକୁ ନେଇ ଧାନ ଦେବାକୁ ଚାହୁଁ ନଥିବା ଚାଷୀ ମଣ୍ଡିରେ ହିଁ ଦେବୁ କିନ୍ତୁ ସମୟ ଅନୁସାରେ ଆକାଉଣ୍ଟକୁ ଟଙ୍କା ଆସିବା ଦରକାର ବୋଲି କହିଥିଲେ । କିନ୍ତୁ ମଣ୍ଡିରେ ମଧ୍ୟ ଧାନ ଏଫଏକ୍ୟୁ ମାନର ନଥିବା ଦର୍ଶାଇ ହଇରାଣ କରାଯାଉଛି । ମଣ୍ଡିରେ ଧାନ ରଖିବାକୁ ଅବଶ୍ୟକ ସ୍ଥାନ ନଥିବା ଚାଷୀ ଅଭିଯୋଗ କରିଥିଲେ । ଚଳିତ ବର୍ଷ ଭଲ ଧାନ ହୋଇଛି । ଅଧିକାଂଶ ଧାନ ଏଫଏକ୍ୟୁ ମାନର ରହିଛି । ସେଥିରେ କିଛି ସମସ୍ୟା ନାହିଁ । ବର୍ତ୍ତମାନ ସୁରୁଖୁରୁରେ ଧାନ କିଣା ପ୍ରକିୟା ଜାରି ରହିଥିବା ବେଳେ ୬ ହଜାର ଚାଷୀଙ୍କ ଠାରୁ ୩ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ସରିଛି । ଏଥିମଧ୍ୟରୁ ୫୬୦୦ ଚାଷୀ ସେମାନଙ୍କ ପ୍ରାପ୍ୟ ପାଇସାରିଛନ୍ତି ବୋଲି ଉପଜିଲ୍ଲାପାଳ ଅନୁପ ପଣ୍ଡା କହିଥିଲେ । ଆଜିର ବୈଠକରେ ବିନା କଟ୍‌ନୀ ଛଟ୍‌ନୀରେ ଧାନ କ୍ରୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯାହା ସରକାରଙ୍କ ନିୟମ ରହିଛି ତାହାକୁ ପାଳନ କରାଯିବ ବୋଲି କୁହାଯାଇଛି ।

ଆଜିର ବୈଠକରେ ଜିଲ୍ଲାର ଗୋଷାଣି ଓ କାଶୀନଗର ବ୍ଲକର ବହୁ ଚାଷୀଙ୍କ ସହ ଚାଷୀ ନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକ, ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ରଞ୍ଜିତ ପଟ୍ଟନାୟକ, ଜିଲ୍ଲାପରିଷଦ ସଦସ୍ୟ ଏସ୍. ବାଲାରାଜୁ, ଗଣେଶ ବେହେରା, ଟି.ତିରୁପତି ରାଓ, ପ୍ରକାଶ ପ୍ରଧାନ ଓ ପି.ତିରୁପତି ରାଓ ଯୋଗ ଦେଇଥିଲେ ।

### ବାଲିଗୁଡ଼ା ଉପଖଣ୍ଡରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର କରୁଣ ଚିତ୍ର

# ସରକାରୀ ଆମ୍ବୁଲାନ୍ସ ନମିଳିବାରୁ ଗର୍ଭବତୀଙ୍କ ମୃତ୍ୟୁ

**ବାଲିଗୁଡ଼ା,୩୦।୧(ସମିସ):** ସରକାରୀ ଆମ୍ବୁଲାନ୍ସ ସେବା ନ ମିଳିବାରୁ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଥିବା ପରିବାରବର୍ଗ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ ପରେ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇଥିଲା। ଡାକ୍ତର ମହିଳାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ୧୦୮ କିମ୍ବା ୧୦୨ ଆମ୍ବୁଲାନ୍ସ ସେବା ନପାଇବାରୁ ବାଧ ହୋଇ ପରିବାରବର୍ଗ ବେସରକାରୀ ଆମ୍ବୁଲାନ୍ସ ଯୋଗେ ମହିଳାଙ୍କୁ ବାଲିଗୁଡ଼ା ଆଣିଥିଲେ। ହେଲେ ବାଲିଗୁଡ଼ା ଉପଖଣ୍ଡ ହସ୍‌ପିଟାଲରେ ମହିଳାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ଏବଂ ବାଲିଗୁଡ଼ା ଥାନା ପୁଲିସକୁ ସୂଚନା ଦେଇଥିଲେ। ମୃତ ମହିଳା ଜଣକ ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ସୋନପୁର ମୁରୁଡିପଙ୍ଗାର ପ୍ରତିମା ରୂପାମାଝୀ ବୋଲି




ଜଣାପଡିଛି। ବାଲିଗୁଡ଼ା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତ ମହିଳା ଜଣକ ଦାରିଙ୍ଗବାଡି ଥାନା ଅଞ୍ଚଳର ବୋଲି ଜାଣି ଦାରିଙ୍ଗବାଡି ଥାନା ଅଧିକାରୀଙ୍କୁ ଜଣାଇଥିଲେ। ବହୁ ବିଳମ୍ବରେ ଦାରିଙ୍ଗବାଡି ପୁଲିସ୍ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇ କିଭଳି ପରିସ୍ଥିତିରେ ମୃତ୍ୟୁ ଘଟିଛି ସେ ନେଇ ତଦନ୍ତ କରୁଥିବା ଜଣାପଡିଛି। ସରକାରୀ ଆମ୍ବୁଲାନ୍ସ ନମିଳିବା ଯୋଗୁ ନବଜାତ ଶିଶୁ ମା ଛେଉଣ୍ଡ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାଲିଗୁଡ଼ା ଉପଖଣ୍ଡରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଯଥାଶୀଘ୍ର ସଜାଡ଼ିବାକୁ ଦାବି ହେଉଛି। ବାଲିଗୁଡ଼ା ଚିକିତ୍ସାଳୟରେ ନବଜାତ ଶିଶୁର କୌଣସି ଯତ୍ନ ନିଆଯାଉ ନଥିବା ଏବଂ ପରିବାର ଓ ଗାଁ ଲେକେ ସରକାରୀ ଆମ୍ବୁଲାନ୍ସ ନପାଇ ବେସରକାରୀ ଆମ୍ବୁଲାନ୍ସରେ ଆସି କଷ୍ଟକର ସ୍ଥିତିରେ ପଡ଼ିଥିବା ଅଭିଯୋଗ କରିବା ସହିତ ନବ ଜାତ ଶିଶୁ ନିମନ୍ତେ ସରକାରୀ ସହାୟତା ମାଗିଥିବା ଜଣାଯାଇଛି।

## କାଶୀନଗରରେ ୱାଟରସେଡ୍ ମହୋତ୍ସବ



**କାଶୀନଗର,୩୦।୧(ସମିସ):** ଗଜପତି ଜିଲ୍ଲା କାଶୀନଗର ବ୍ଲକରେ ୱାଟରସେଡ୍ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୂପେଶ୍ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟାମ୍ମା, ଉପାଧ୍ୟକ୍ଷା ଏସ. କଲ୍ୟାଣୀ, ଅତିରିକ୍ତ ଜିଲ୍ଲାପାଳ ଫାଲ୍ଗୁନ ମାଝୀ ଓ ବିଡିଓ ଡମ୍ବୁରୁଧର ମଲ୍ଲିକ ମଞ୍ଚାସୀନ ଥିଲେ। କାଶୀନଗର ବ୍ଲକ ଅନ୍ତର୍ଗତ ଗୋରିବନ୍ଧା, ଖାଣ୍ଡବା ପଞ୍ଚାୟତରେ ଥିବା ତିନୋଟି ସ୍ଥାନରେ ଲୋକାର୍ପଣ ଓ ଭୂମି ପୂଜନ କରି ଜଳ ଅମଳ ପ୍ରକଳ୍ପର ଉଦଘାଟନ କରିଥିଲେ ବିଧାୟକ। ପରବର୍ତ୍ତି ସମୟରେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳରେ ଚାଷୀ ଓ ଲୋକଙ୍କ ସହ ଆଲୋଚନା କରି ଅଞ୍ଚଳର ସମସ୍ୟା ବିଷୟରେ ପଚାରି ବୁଝିଥିଲେ ବିଧାୟକ। ସରକାରଙ୍କ ସମସ୍ତ ପ୍ରକଳ୍ପ ଯେପରି ଲୋକଙ୍କ ବିକାଶ ଦିଗରେ କାର୍ଯ୍ୟକ୍ରମ ହେଇପାରିବ ସେନେଇ କାର୍ଯ୍ୟକ୍ରମ ହେବା ଦରକାର ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ସରପଞ୍ଚ, ସମିତିସଭ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ବିଦ୍ୟାଳୟର ବାର୍ଷିକୋତ୍ସବ



**ବ୍ରହ୍ମପୁର,୩୦।୧(ସମିସ):** ବ୍ରହ୍ମପୁର ଉପକଣ୍ଠ ବଡଗୁମୁଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର କୁମାର ବେହେରା ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଭଲ ପାଠ ପଢ଼ିବା ସହ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସାତକୁଟୁଣି କ୍ଲଷ୍ଟର ସିଆରସିସି ସସ୍ମିତା କୁମାରୀ ଦେବୀ, ବଡ଼କୁଶସ୍ଥଳୀ ସରପଞ୍ଚ ସୁନୀତା ସେଠୀ, ବିଦ୍ୟାଳୟ ଏସଏମ୍‌ସି ଅଧ୍ୟକ୍ଷ ସୁରେଶ ଦାସ, ସମିତିସଭ୍ୟା ସୁକାନ୍ତି ସେଠୀ ଓ ଯୋଗଗୁରୁ ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ଯୋଗଦେଇ ଶିକ୍ଷାର୍ଥୀଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ପଣ୍ଡା ସଭା ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ଶିକ୍ଷକ ପବିତ୍ର କୁମାର ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ନିରଂଜନ ମହାରଣା, ଶିକ୍ଷୟତ୍ରୀ ମିନତୀ କୁମାରୀ ପାତ୍ର, ଅଲିଭା ମଣ୍ଡଳ ଓ ଜ୍ୟୋତମାଳା ମହାପାତ୍ର ପ୍ରମୁଖ ଅତିଥି ସତ୍କାର, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ ପୁରସ୍କାର ବିତରଣ କାର୍ଯ୍ୟରେ ସହଯୋଗ କରିଥିଲେ। ଗ୍ରାମର ଯୁବ ଆଇନଜୀବୀ ଚକ୍ରପାଣି ନାହାକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମିଥୁନ୍ ବେହେରା, ଲିଲୁ ବେହେରା, ଶଂକର ଦାସ, ଭଗବାନ ବେହେରା, ଶିଶିର ଜେନା, ସନ୍ତୋଷୀ ଦଳେଇ, ସୁଷମା ବିଷୋୟୀ, ସୁଶାନ୍ତ କୁମାର ମହାରଣା, ଶ୍ୱେତ ବେହେରା, ଲେଲା ବେହେରା ଓ ସୋନୁ ପଟ୍ଟନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରାସ୍ତା ପ୍ରଶସ୍ତିକରଣକୁ ନେଇ ସନ୍ଦେହ

# ମୁଖ୍ୟରାସ୍ତାକୁ ଅଧିକ ସଂକୁଚିତ କରୁଛି ନିର୍ମାଣ କାମ



**ପାରଳାଖେମୁଣ୍ଡି,୩୦।୧(ସମିସ):** ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତା ନିର୍ମାଣ ହେଲେ ସହରର ଟ୍ରାଫିକ ସମସ୍ୟା ଦୂର ହେବା ସହ ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ। ରାଜ୍ୟର ସବୁ ସହର ଉନ୍ନତି ପଥେ ଆଗେଇ ଚାଲିଛି। ହେଲେ ଓଡ଼ିଶାର ସର୍ବପୁରାତନ ପୌରପରିଷଦ ପଛେଇ ଚାଲିଛି। ସହରରେ ଦିନକୁ ଦିନ ଜନ ଓ ଯାନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଜିକା ଦିନରେ ଜନ ଓ ଯାନ ସଂଖ୍ୟା ବୃଦ୍ଧିକୁ ଦେଖିଲେ ରାସ୍ତାର ପ୍ରଶସ୍ତିକରଣ କମ୍ ରହିଛି। ରାସ୍ତାର ପ୍ରଶସ୍ତିକରଣ ପାଇଁ ଦୀର୍ଘ ବର୍ଷ ହେଲା ସହରବାସୀ ଅପେକ୍ଷା କରି ରହିଥିବା ବେଳେ କିଛିମାସ ହେଲା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିଛି ଖଣ୍ଡ ବାଟକୁ ଚୌଡା କରିଦିଆଯାଇଛି। ହେଲେ ତାହାବି ଅଧପନ୍ତରିଆ ଭାବେ ପଡିରହିଛି। ଆଉ ଯେଉଁ ଅଞ୍ଚଳରେ ରାସ୍ତା ସଂପ୍ରସାରଣ ହେବ ସେଇଠି ପୌର ପ୍ରଶାସନ ପକ୍ଷରୁ ନୂତନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବା ଦେଖିବାକୁ ମିଳୁଛି। ପୌରପ୍ରଶାସନର ଏପରି ନିର୍ମାଣ କାର୍ଯ୍ୟକୁ ଦେଖିଲେ ସହରବାସୀଙ୍କ ମଧ୍ୟରେ ଏବେ ସନ୍ଦେହ ସୃଷ୍ଟି ହୋଇଛି ଯେ ଅବଶିଷ୍ଟ ରାସ୍ତା ସଂପ୍ରସାରଣ କାର୍ଯ୍ୟ ହେବ କି ନାହିଁ। ଯଦି ହେବ ତାହା ହେଲେ ବନ୍ଦ କାହିଁକି ରହିଛି। ଆଉ ସେହି ରାସ୍ତା ଉପରେ ପୌରପ୍ରଶାସନ ପୁଣି ନିର୍ମାଣ କାର୍ଯ୍ୟ କରୁଛି। ଯଦି ଓ ପ୍ରଶସ୍ତିକରଣ ହେବ ତେବେ ପୌରପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉଥିବା କାମ ଗୁଡିକୁ ଉଚ୍ଛେଦ କରାଯିବ। ଏପରି କ୍ଷେତ୍ରରେ ବିନିଯୋଗ ହୋଇଥିବା ଅର୍ଥ ନଷ୍ଟ ହେବ। ବଜାର ଛକରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିର ସୁରକ୍ଷା ପାଚେରି, ପୌରପରିଷଦର କାର୍ଯ୍ୟାଳୟର ସୁରକ୍ଷା ପାଚେରୀରେ ଲୁହା ରେଲିଂ ଲଗାଯାଉଛି। ଏଥିରେ ମୁଖ୍ୟରାସ୍ତା ତଟ ଆହୁରି ସଙ୍କୁଚିତ ହେଉଛି। ଏଭଳି କାର୍ଯ୍ୟକୁ ଦେଖିଲେ କିଭଳି ପୌର ପ୍ରଶାସନ ଅନୁମତି ଦେଉଛି, ଏଭଳି କିଛି ପ୍ରଶ୍ନ କରିଛନ୍ତି ସହର ବାସିନ୍ଦା। ଲୋକଙ୍କ ଅଭିଯୋଗ ପ୍ରକାରେ ପୌର ପାଳିକାର ପାଚେରି ପାଖରେ ଲୁହାର ଆଉ ଗୋଟେ ପାଚେରି ନିର୍ମାଣ ହେଉଛି। ଏହା ରାସ୍ତାକୁ ଆହୁରି ଅଧିକ ସଙ୍କୁଚିତ କରୁଛି। କିନ୍ତୁ କେଉଁ ଉଦ୍ଦେଶ୍ୟରେ କାହିଁକି ଏଭଳି ପାଚେରୀ ନିର୍ମାଣ କରାଯାଉଛି ତାକୁ ନେଇ ସାଧାରଣରେ ନାନାଦି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ? ଏହାଦ୍ୱାରା ଜଣ ସାଧାରଣଙ୍କ କଣ ଲାଭ ହେବ ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଆଉ ମାତ୍ର କିଛି ଦିନ ପରେ ରାସ୍ତା କାର୍ଯ୍ୟ ନିର୍ମାଣ ହେବାକୁ ଥିବା ବେଳେ ପୁଣି ତାକୁ ଭାଙ୍ଗି ନଷ୍ଟ ହେବ ତେଣୁ ଅର୍ଥର ଅପଚୟ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ କହିଛନ୍ତି ସେଠାରେ ଉଠା ଦୋକାନୀ ପସରା ଖୋଲି ବସିବା ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟୁଥିବାରୁ ଏଭଳି ପଦକ୍ଷେପ ପ୍ରଶାସନ ନେଇଛି ଏବଂ ରାସ୍ତା ପ୍ରଶସ୍ତିକରଣ ସମୟରେ ଚିନ୍ତା କରାଯିବ।

## ଆରମ୍ଭ ହେଲା ଆଖୁ ପେଡ଼ା ଋତୁ



**ଆସିକା,୩୦।୧(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ଆସିକା ସମବାୟ ଚିନିଶିଳ୍ପରେ ଆଖୁ ପେଡ଼ା ଋତୁ ଆରମ୍ଭ ହୋଇଛି। ଆସିକା ବ୍ଲକ ସମେତ ଗଞ୍ଜାମ ଜିଲ୍ଲାର ୧୬ଟି ବ୍ଲକ ଏବଂ ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରୁ ଚାଷୀମାନେ ଆସିକା ଚିନି କାରଖାନାକୁ ଆଖୁ ଯୋଗାଇବାକୁ ଚୁକ୍ତି ହୋଇଥିବା ବେଳେ ଶୁକ୍ରବାର ଦିନ ଆରମ୍ଭ ହୋଇଛି ଆଖୁ ପେଡ଼ା। ଚଳିତବର୍ଷ ୨୫ ହଜାର ମେଟ୍ରିକ୍ ଟନ୍ ଆଖୁପେଡ଼ା ହେବାକୁ ଚିନିଶିଳ୍ପ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ବେଳେ ଶୁକ୍ରବାର ଦିନ ପୂଜାର୍ଚ୍ଚନା, ହୋମଯଜ୍ଞ ବିଧିବିଧାନ ପରେ ଆରମ୍ଭ ହୋଇଛି ଆଖୁପେଡ଼ା। ଏହି କାର୍ଯ୍ୟକ୍ରମରେ ବିଧାୟକ ସରୋଜ କୁମାର ପାଢ଼ୀ, ଡ଼ଃ ସୁଶାନ୍ତ କୁମାର ମିଶ୍ର, ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ସମେତ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ବରାଡ଼, ବସନ୍ତ ଦଳାଇ, ସନ୍ତୋଷ କୁମାର ପ୍ରଧାନ, ସ୍ନେହଲତା ଚଣ୍ଡ, ଶତ୍ରୁଘନ ଭୂୟାଁ, ଗୀତା ପାତ୍ର, ଆରଲୁ ରେଡି, ରତ୍ନାକର ସାହୁ, ସରୋଜିନୀ ଲେଙ୍କାଙ୍କ ସମେତ ଚିନିଶିଳ୍ପ କର୍ମଚାରୀ ଓ ଆଖୁ ଚାଷୀ ମାନେ ଉପସ୍ଥିତ ଥିଲେ।

## 'ଗରିବର ବନ୍ଧୁ' ଟ୍ରଷ୍ଟର ବାର୍ଷିକ ଉତ୍ସବ



**ପୋଲସରା,୩୦।୧(ସମିସ):** ପୋଲସରା ସ୍ଥିତ ଗରିବର ବନ୍ଧୁ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ-୨୦୨୬ ପାଳିତ ହୋଇଯାଇଛି। ସଭାପତି ସୁବ୍ରତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଜରଙ୍ଗ ଦଳ ଗୋ- ରକ୍ଷକ ମୁଖ୍ୟ ଅତିଥି ଭାବେ ସନ୍ତୋଷ କୁମାର ଖଟେଇ ବ୍ରହ୍ମପୁର, ଜ୍ଞାନଶ୍ରୀ ପବ୍ଲିକ ସ୍କୁଲ ଦିଗପହଣ୍ଡିର ପ୍ରତିଷ୍ଠାତା ବନୋଜ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଏବଂ ଅଧ୍ୟକ୍ଷା, ପ୍ରୟାଗ ପବ୍ଲିକ ସ୍କୁଲ ପୋଲସରାର ଯମୁନା ବିଶ୍ୱାଳ ଓ ସମ୍ପାଦକ ରାଜୀବ ଲୋଚନ ପଣ୍ଡା, ଏ ୱାନ୍ ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ମିଟୁ ନାୟକ ଓ ସଭାପତି ପ୍ରେମଚାନ୍ଦ ସାହୁ, ବନପାଳ କାର୍ତ୍ତିକ ସାହୁ ଓ ନାରାୟଣ ଆଚାର୍ଯ୍ୟ, କିରଣ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ସତ୍ୟ ସୂର୍ଯ୍ୟନାରାୟଣ ମହାରଣା ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ସଦସ୍ୟଙ୍କ ସମେତ ପୋଲସରା ଅଞ୍ଚଳର ବୁଦ୍ଧିଜୀବୀ, ସମାଜସେବୀ, ସଂଗଠକ, ଅଭିଭାବକ ଓ ସର୍ବସାଧାରଣ ଉପସ୍ଥିତ ଥିଲେ। ଶିକ୍ଷକ ଅଜିତ କୁମାର ପଣ୍ଡା ଓ ଜୟନ୍ତ ପ୍ରଧାନ କାର୍ଯ୍ୟକ୍ରମ ରେ ସଂଯୋଜନା କରିଥିଲେ।

## ଏଲମା କୁଳ ସମାଜର ସାଧାରଣ ବୈଠକ



**କୁକୁଡ଼ାଖଣ୍ଡି,୩୦।୧(ସମିସ):** କୁକୁଡାଖଣ୍ଡିରେ ସାତ ତାଲୁକା ପାଲନାଟି ଏଲମା କୁଳ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୬୪ଟି ଗ୍ରାମର ତାଲୁକା କମିଟି ସଦସ୍ୟ, ଗ୍ରାମବାସୀ ସହିତ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା କାଞ୍ଚିଲି ତାଲୁକା କମିଟିର ପ୍ରତିନିଧିମାନେ ଓ ମୁମ୍ବାଇ ଉତ୍କଳ ଏଲମା ସମାଜ କମିଟିର ସଭାପତିଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ। ଏଲମା ସମାଜର ନୂତନ କମିଟି ଗଠନ ହୋଇ ସଭାପତି ରୂପେ ସାକା ସୁଜିତ କୁମାରଙ୍କୁ ଘୋଷଣା କରାଯାଇଥିଲା। ବୈଠକର ମୁଖ୍ୟ ଆଲୋଚନା ବିଷୟ ଥିଲା ସମାଜର ଆରକ୍ଷଣ ସ୍ଥିତି। ଆନ୍ଧ୍ର ପ୍ରଦେଶରେ ଏହି ଏଲମା କୁଳ ସମାଜକୁ ଓବିସି ଭାବେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଓଡ଼ିଶାରେ ଏହାକୁ ଏସସିବିସି ଶ୍ରେଣୀରେ ରଖା ଯାଇଥିବା ନେଇ ଆଲୋଚନା ହୋଇଥିଲା। ପ୍ରତିବର୍ଷ ଏପରି ସାଧାରଣ ସଭା ଆୟୋଜନ କରି ସମାଜର ଏକତା ଓ ସଂଗଠନକୁ ମଜବୁତ କରିବା ପାଇଁ ମଧ୍ୟ ନିଷ୍ପତି ନିଆଯାଇଥିଲା। ବୈଠକରେ ନୂତନ କମିଟି ସଭାପତି ସାକା ସୁଜିତ କୁମାର, ଉପ ସଭାପତି କେ. ଦୁର୍ଗାପ୍ରସାଦ, ସମ୍ପାଦକ ଇପିଲି ରକ୍ଷିଆ, ସହ ସମ୍ପାଦକ ଆଲୁ ସାକିଲି, କୋଷାଧ୍ୟକ୍ଷ ବାଇ ରାମଚନ୍ଦ୍ର, ଆବାହକ ଡି.ବିଶ୍ୱନାଥ, ଏନ. ରଘୁନାଥ, ଆର.ମାଧବ ନାଇଡୁ, ବଇରୀ ନିରଞ୍ଜନ, ଅଦଲ ନନ୍ଦକିଶୋର, ବାତିନି ଧର୍ମା ରାଓ, ଇପିଲି କ୍ରିଷ୍ଣା ରାଓ ଜିଲ୍ଲା ପରିଷଦ, ମୁମ୍ବାଇ ଉତ୍କଳ ଏଲମା ସମାଜ କମିଟିର ସଭାପତି ପନାଡ଼ ଶ୍ୟାମଘନ, ସମ୍ପାଦକ ବୋଦଲ ରାଜେନ୍ଦ୍ର, ସହ କମିଟି ଶାଖା ଦଣ୍ଡପାଣିଙ୍କ ସମେତ ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଓ ଯୁବ ପ୍ରତିନିଧିମାନେ ଉପସ୍ଥିତ ରହି ସମାଜର ଭବିଷ୍ୟତ ନେଇ ମୂଲ୍ୟବାନ ମତାମତ ରଖିଥିଲେ।

## ଦିଗପହଣ୍ଡି କୋର୍ଟରେ ଶହୀଦ ଦିବସ ପାଳିତ

**ଦିଗପହଣ୍ଡି, ୩୦।୧(ସମିସ):** ଦିଗପହଣ୍ଡି ତାଲୁକ ଆଇନ ସହାୟତା କମିଟି ପକ୍ଷରୁ ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଶହୀଦ ଦିବସ ପାଳିତ ହୋଇଯାଇଛି। ସିଭିଲ ଜଜ ସିନିୟର ଡିଭିଜନ କୋର୍ଟର ମୁଖ୍ୟ କିରାଣୀ ପ୍ରଦୀପ କୁମାର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ମୃତିସଭାରେ ବରିଷ୍ଠ ଦେୱାନୀ ବିଚାରପତି ତଥା ଆଇନ ସହାୟତା କମିଟି ଅଧ୍ୟକ୍ଷା ମହାଶ୍ୱେତା ପରିଜା ମୁଖ୍ୟ ଅତିଥି ଏବଂ ଜେଏମଏଫସି କୋର୍ଟ ମାଜିଷ୍ଟ୍ରେଟ ନିଳିମା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦେଶ ମାତୃକାର ସେବା ଓ ସୁରକ୍ଷା ସମେତ ସ୍ୱାଧୀନତା ସଂଗ୍ରାମ ସମୟରେ ଜୀବନକୁ ବଳିଦାନ ଦେଇ ଶହୀଦ ହୋଇଥିବା ଭଗତ୍ ସିଂ, ଚନ୍ଦ୍ର ଶେଖର ଆଜାଦ୍, ସୁଖଦେବ ରାଜଗୁରୁଙ୍କ ସମେତ ଅନ୍ୟ ଶହୀଦ ମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ସରକାରୀ ଓକିଲ ହେମନ୍ତ କୁମାର ପାଣିଗ୍ରାହୀ, ବିଜୟ କୁମାର ପ୍ରଧାନ, ଆଇନଜୀବୀ ହରପ୍ରସାଦ ରଥ, ମନୋରଞ୍ଜନ ପଣ୍ଡା, କୋର୍ଟ କର୍ମଚାରୀ ଶିବରାମ ସାହୁ, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ଅଶ୍ୱିନୀ କୁମାର ପଟ୍ଟନାୟକ, ସଂଗ୍ରାମ କୁମାର ପଣ୍ଡା, ପ୍ରଦୀପ କୁମାର ପୁରୋହିତ, ପପୁନ ମହାରଣା, ପିଲଟୁ ହେମ୍ବ୍ରମ, ରୁଦ୍ର ପ୍ରସାଦ ତାଣ୍ଡିଆ, ନିରଞ୍ଜନ ଶବର, କେ. ନୋକିଆ ଓ କୋର୍ଟ ଏଏସଆଇ ଦିଲ୍ଲୀପ କୁମାର ଗୋରଡ଼ା, କନେଷ୍ଟବଳ ପ୍ରଭାକର ସାହୁ, ସୁଦାମ ବେହେରାଙ୍କ ସମେତ ଅନ୍ୟାନ୍ୟ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ।



## ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆସିକା,୩୦।୧(ସମିସ):** ଆସିକା ବିଜ୍ଞାନ ମହାବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ଯୋଗଦେଇଥିଲେ। ଆକାଶବାଣୀ ବ୍ରହ୍ମପୁରର ଅବସରପ୍ରାପ୍ତ ନିର୍ଦ୍ଦେଶକ ହୃଷିକେଶ ପାଣିଗ୍ରାହୀ ଏବଂ ପ୍ରମାତ୍ରା ପ୍ରଯୁକ୍ତି କେନ୍ଦ୍ର, କିଟ୍ ଭୁବନେଶ୍ୱରର ଅବସରପ୍ରାପ୍ତ ବୈଜ୍ଞାନିକ ଓ ନିର୍ଦ୍ଦେଶକ ପ୍ରଫେସର ଅରୁଣ କୁମାର ପତି ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର କ୍ରୀଡାଙ୍ଗନ ପାଚେରୀ, ୫୦ ଶଯ୍ୟା ବିଶିଷ୍ଟ ବାଳକ ଏବଂ ୫୦ ଶଯ୍ୟା ବିଶିଷ୍ଟ ବାଳିକା ଛାତ୍ରାବାସ ନିର୍ମାଣର ଅନୁଦାନ ପ୍ରଦାନ ବିଷୟରେ ବିଧାୟକ ପ୍ରକାଶ କରିଥିଲେ। ସଙ୍ଗୀତ ମୁର୍ଚ୍ଛନାର ତାଳେ ତାଳେ ମୁଖ୍ୟବକ୍ତା ଶ୍ରୀ ପାଣିଗ୍ରାହୀ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ର ଜୀବନର ଅଧ୍ୟାପକ ଏବଂ ଅଧ୍ୟାପିକାଙ୍କ ଶୈକ୍ଷିକ ଏବଂ ନୈତିକତାରବାର୍ତ୍ତା ଉପସ୍ଥାପନା କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ପ୍ରଫେସର ବିଭୁତି ଭୂଷଣ ବେବର୍ତ୍ତା ଏବଂ ଅଧ୍ୟାପକ ସରୋଜ କୁମାର ପଣ୍ଡା ଅତିଥିମାନଙ୍କ ପରିଚୟ ସହ ଶୈକ୍ଷିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ସଭା ପରିଚାଳନାର ଓ ଅଧ୍ୟାପକ ଡ. ଅଜିତ କୁମାର ମୁନୀ କାର୍ଯ୍ୟ ସଂପାଦନା କରିଥିଲେ।

## 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ମଞ୍ଚସ୍ଥ



**ଗଞ୍ଜାମ,୩୦।୧(ସମିସ):** ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ଡ଼ଃ ଗୌରୀ ଶଙ୍କର ଶତପଥୀଙ୍କ ନିର୍ଦ୍ଦେଶନାରେ "ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ସାମାଜିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ଉଦଘାଟନୀ ସମାବେଶରେ ମୁଖ୍ୟ ଅତିଥିଭାବେ ସାନଖେମୁଣ୍ଡି ବିଧାୟକ ବିଧାୟକ ରମେଶ ଜେନା ଯୋଗଦେଇ ଗଞ୍ଜାମ ପ୍ରେସ କ୍ଲବର ସାମ୍ବାଦିକ ଓ ଅନୁଷ୍ଠାନର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ ପିସିସି ସଦସ୍ୟ ଡ଼ଃ ଶମ୍ଭୁ ପାଣିଗ୍ରାହି, ଆଇନଜୀବୀ କୈଳାସ ପଲାଇ, ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ, ଦୁର୍ଗାଦେବୀ ଆଇଟିଆଇ ମୁଖ୍ୟ ପ୍ରମୋଦ କୁମାର ପଣ୍ଡା, ଦିଗପହଣ୍ଡି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର, ସୁଜତା ମହାନ୍ତି, ସଂଯୁକ୍ତା ଦାଶ, ମହାଲକ୍ଷ୍ମୀ ନାୟକ, ପି. ଚନ୍ଦ୍ରଶେଖର ରେଡି ପ୍ରମୁଖ କାଉନସିଲର ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଅନୁଷ୍ଠାନର ସଭାପତି ଶବର କୁମାର ତରାଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଉପଦେଷ୍ଟା ଉମାକାନ୍ତ ବେହେରା ସଂଯୋଜନା କରିଥିଲେ। ଉପସଭାପତି ବିଦ୍ୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ପରିଚାଳକ ରାକେଶ ରଞ୍ଜନ ଦାସ, ନାଟ୍ୟ ନିର୍ଦ୍ଦେଶକ ତଥା ଖଳନାୟକ ଭୂମିକାରେ ଅଭିନୟ କରୁଥିବା ପ୍ରଦୀପ କୁମାର ପଣ୍ଡା, ଉପଦେଷ୍ଟା ସୁଧିର କୁମାର ପାଢ଼ୀ, ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ସହ ସମ୍ପାଦକ ନିରଞ୍ଜନ ପରିଡା, ମନୋଜ ପ୍ରଧାନ, ପପୁ ପଣ୍ଡା ପ୍ରମୁଖଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

### ୫ ମାସରେ ହୋଇଛି ୧୨୫ଟି ସ୍ନାୟୁଜନିତ ସଫଳ ଅସ୍ତ୍ରୋପଚାର

# ଏମ୍‌କେସିଜି ନ୍ୟୁରୋସର୍ଜରୀ ବିଭାଗକୁ ମନ୍ତ୍ରୀଙ୍କ ପ୍ରଶଂସା

**ବ୍ରହ୍ମପୁର,୩୦।୧(ସମିସ):**

ଏମ୍‌କେସିଜି ମେଡ଼ିକାଲର ନ୍ୟୁରୋସର୍ଜରୀ ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଗତବର୍ଷ ସେପ୍ଟେମ୍ବରରୁ ବର୍ତ୍ତମାନ ସୁଦ୍ଧା ଅର୍ଥାତ୍ ୫ମାସ ମଧ୍ୟରେ ବିଭାଗରେ ୧୨୫ଟି ସଫଳ ସ୍ନାୟୁଜନିତ ଜଟିଳ ଅସ୍ତ୍ରୋପଚାର କରାଯାଇଛି। ଏନେଇ ବିଭାଗୀୟ ମୁଖ୍ୟ ତଥା ଆସୋସିଏଟ୍ ପ୍ରଫେସର ଡା. ରବି ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତରେ ଶୁକ୍ରବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଡାକ୍ତରଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହ ଅନ୍ୟାନ୍ୟ ଆବଶ୍ୟକତା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ କହିଥିଲେ। ଆଗାମୀ ଦିନରେ ଡାକ୍ତରଖାନାରେ ବର୍ଣ୍ଣ କେୟାର ୟୁନିଟ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ କିଡ୍‌ନି ପ୍ରତିରୋପଣ କରିବାକୁ ନେଇ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ଡେଣ୍ଟାଲ କଲେଜ ଖୋଲିବା ନେଇ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ।



ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଏମ୍‌କେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଡିନ୍ ଡା. ସୁଚିତ୍ରା ଦାସ, ଅଧୀକ୍ଷକ ଡା. ଦୁର୍ଗାମାଧବ ଶତପଥୀ, ସର୍ଜରୀ ବିଭାଗ ମୁଖ୍ୟ ଡ଼ା. ଶିବ ପ୍ରସାଦ ପଟ୍ଟନାୟକ, ପୂର୍ବତନ ବିଭାଗୀୟ ମୁଖ୍ୟ ଡା. ସଞ୍ଜୀବ ମିଶ୍ର ଓ ଆନାଟୋମି ବିଭାଗ ମୁଖ୍ୟ ଡା. ସାଗର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ନ୍ୟୁରୋସର୍ଜରୀ ବିଭାଗରେ ଡାକ୍ତରଙ୍କ ଅଭାବ କାରଣରୁ ବିଭାଗରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ନିକଟରେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନିକଟରେ ଆସୋସିଏଟ୍ ପ୍ରଫେସର ଡା. ରବି ନାରାୟଣ ପଣ୍ଡାଙ୍କୁ ବିଭାଗୀୟ ମୁଖ୍ୟ ଭାବେ ନିଯୁକ୍ତି ଦେଇଥିଲେ। ଏହାପରେ ବିଭାଗ ପାଇଁ ଆବଶ୍ୟକ ମାନବ ସମ୍ବଳ ଠାରୁ ଆରମ୍ଭ କରି ସମସ୍ତ ଆନୁଷଙ୍ଗିକ ଦିଗକୁ ପ୍ରାଥମିକତା ଦେଇ ଟିମର ସହଯୋଗରେ ମାତ୍ର ୫ମାସ ମଧ୍ୟରେ ଶତାଧିକ ସ୍ନାୟୁଜନିତ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇପାରିଛି। ସେଥି ମଧ୍ୟରୁ ୨୩ଟି ବ୍ରେନ ଟ୍ୟୁମର ଅସ୍ତ୍ରୋପଚାର ଥିବାବେଳେ ୮ଟି ମେରୁଦଣ୍ଡ ଜନିତ ଓ ୬୫ଟି ମସ୍ତିଷ୍କ ଜନିତ ଅସ୍ତ୍ରୋପଚାର ରହିଛି। ଅସ୍ତ୍ରୋପଚାରରେ ଡା. ଦେବଶ୍ରୀ ମହାରଣା, ଡା. ଦେବଦତ୍ତ ସେନାପତି, ଡା. ତୁଷାରକାନ୍ତ ରଥ, ଏସ୍‌ଆର୍ ପି.ହରି ପ୍ରସାଦ ଓ ଜେଆର୍ ଡା. ଉମା ଶଙ୍କର ଶାସମଲ ପ୍ରମୁଖଙ୍କ ସହଯୋଗ ରହିଛି। ଏହି ସଫଳ ଯାତ୍ରା ପଛରେ ଏମକେସିଜି ମେଡ଼ିକାଲ ଡିନ ଓ ଅଧୀକ୍ଷକଙ୍କ ସମେତ ବିଭାଗୀୟ ଡାକ୍ତର, ନର୍ସିଂ ଅଫିସର ଓ କର୍ମଚାରୀଙ୍କ ସହଯୋଗ ରହିଥିବା ବିଭାଗୀୟ ମୁଖ୍ୟ ଡ଼ା. ପଣ୍ଡା କହିଛନ୍ତି। କାର୍ଯ୍ୟକ୍ରମରେ ବହୁ ଡ଼ାକ୍ତରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ଼ା. ପ୍ରଭାତ ପାଣିଗ୍ରାହୀ, ଡ଼ା. ମନୋଜ କୁମାର ସେଠୀ, ଡ଼ା. ସଞ୍ଜିବ ପାତ୍ର ଓ ଡ଼ା. ସତ୍ୟସ୍ୱରୂପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

